

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୬ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 MARCH 2021
Vol.No. 32 ■ No. 62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନାସା ସାଟେଲାଇଟରେ ଶିମିଳିପାଳ ଜଙ୍ଗଲ ଜଳୁଥିବାର ଚିତ୍ର

## କୋର ଏରିଆରେ ଲାଗିଛି ନିଆଁ; ସାଟେଲାଇଟ୍ ଚିତ୍ରରୁ ହେଲା ସ୍ପଷ୍ଟ



ଭୁବନେଶ୍ୱର,୦୫/୦୩ (ନି.ପ୍ର): ଶିମିଳିପାଳକୁ ନେଇ ସତ କଣ କାରଣ ଶିମିଳିପାଳରେ ଲାଗିଥିବା ନିଆଁକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି । ଏହାରି ଭିତରେ ନାସା ଜାରି କରିଛି ଶିମିଳିପାଳର ନୂଆ ଚିତ୍ର । ଏଥିରେ ଜଙ୍ଗଲ ବିଭିନ୍ନ ସ୍ଥାନରେ ରେଡ ସ୍ପଟ ଅର୍ଥାତ ନିଆଁ ଜଳୁଥିବା ଚିତ୍ର ସ୍ପଷ୍ଟ ହୋଇଛି । ସେପଟେ ଶିମିଳିପାଳ ଗସ୍ତରେ ଥିବା ବନ୍ୟପ୍ରାଣୀ ପିସିସିଏଫଙ୍କ କହିବା ହେଲା, ନିଆଁ ସଂପୂର୍ଣ୍ଣ ଆୟତ୍ତରେ ଅଛି । ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଶିମିଳିପାଳର ଭୟଙ୍କର ନିଆଁକୁ କ୍ୟାମେରାରେ କଏଦ କରିଛି । ପ୍ରାୟ ୩ ଘଣ୍ଟା ଧରି ଶିମିଳିପାଳର ନିଆଁକୁ ଅନୁଧ୍ୟାନ କରିଛି ନାସା । ନାସାର ଏହି ଅନୁଧ୍ୟାନର ଅନୁଯାୟୀ, ଶିମିଳିପାଳର ପାଖାପାଖି ଶହେଟି ସ୍ଥାନରେ ରେଡ ସ୍ପଟ ଦେଖାଯାଇଛି । ଅର୍ଥାତ ସେହି ସ୍ଥାନରେ ନିଆଁ ଜଳୁଥିବା ଦୃଶ୍ୟ ଏକପ୍ରକାର ସ୍ପଷ୍ଟ ହୋଇଛି । ଏହି ଜୈବମଣ୍ଡଳର ୫ ହଜାର ୫ଶହ ୬୯ ବର୍ଗ କିଲୋମିଟରରେ ନିଆଁ ଲାଗିଥିବା ନାସା ସୂଚନା ଦେଇଛି । ସେପଟେ ଶିମିଳିପାଳ ନିଆଁ ନେଇ ପିସିସିଏଫ ୱାଇଲଡ ଲାଇଫ ଶଶୀ ପଲ ଦୁଇଦିନ ଧରି ଶିମିଳିପାଳ ଗସ୍ତ କରିଛନ୍ତି । ସେ କହିଛନ୍ତି ଶିମିଳିପାଳ ଜଙ୍ଗଲ ନିୟନ୍ତ୍ରଣରେ ଥିଲା ଓ ଅଛି । ଶୁଖିଲା ପତ୍ର ଓ କେବଳ ବୁଦା ଜଳିଛି ହେଲେ ବଡ ଗଛ ଜଳିନି । ତେବେ ଶିମିଳିପାଳ ନିଆଁକୁ ନେଇ ସତ କଣ? କାରଣ ଶିମିଳିପାଳରେ ଲାଗିଥିବା ନିଆଁକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି । ଶିମିଳିପାଳ ଗସ୍ତରେ ଥିବା ବନ୍ୟପ୍ରାଣୀ ପିସିସିଏଫଙ୍କ କହିବା ହେଲା ନିଆଁ ସଂପୂର୍ଣ୍ଣ ଆୟତରେ ଅଛି । ସେହିପରି କିଭଳି ବଡଗଛ କିମ୍ବା ବିରଳ ବନ୍ୟପ୍ରାଣୀଙ୍କର କ୍ଷୟକ୍ଷତି ହୋଇନାହିଁ ବୋଲି ବିଭାଗୀୟ ଉଚ୍ଚ ପଦାଧିକାରୀ କହୁଛନ୍ତି ବୋଲି ଅନେକ ପ୍ରଶ୍ନ କରିଛନ୍ତି ।

# ଶ୍ରୀମନ୍ଦିର ବିକାଶ ପାଇଁ ଗଜପତିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି



ଭୁବନେଶ୍ୱର,୦୫/୦୩ (ନି.ପ୍ର): ପୁରୀ ଶ୍ରୀମନ୍ଦିରର ବିକାଶ କରିବା ପାଇଁ ପରିକ୍ରମା ଓ ଅନ୍ୟାନ୍ୟ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ମହତ କାର୍ଯ୍ୟରେ ଶ୍ରମଦାନ କିମ୍ବା ଅର୍ଥଦାନ ମାଧ୍ୟମରେ ବିଶ୍ୱର ସମଗ୍ର ହିନ୍ଦୁ ସମାଜ ତଥା ବିଶେଷ ଭାବରେ ସାଢେ ୪ କୋଟି ଓଡିଆ ସାମିଲ ହେବାକୁ ଇଚ୍ଛା ରଖିଛନ୍ତି । ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସମର୍ପଣ ନିଧି ସଂଗ୍ରହ ସଂଗ୍ରହ ଅଭିଯାନ ଭଳି ଏକ ବ୍ୟବସ୍ଥା ତିଆରି କରିବା ପାଇଁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପତ୍ର ଲେଖି ସହଯୋଗ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗଜପତି ମହାରାଜାଙ୍କୁ ଲେଖିଥିବା ଚିଠିରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ସଂରକ୍ଷଣ କରିବା ତଥା ସେବାୟତଙ୍କ ସାମଗ୍ରିକ ବିକାଶ, ଶ୍ରଦ୍ଧାଳୁଙ୍କ କଲ୍ୟାଣ ପାଇଁ ମହାରାଜା ଦିବ୍ୟସିଂହ ଦେବ ନିରନ୍ତର ଉଦ୍ୟମ କରି ଆସୁଛନ୍ତି । ଅନାଦି ଅନନ୍ତ କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତାଙ୍କର ପବିତ୍ରତା ସହିତ ସଂଶ୍ଳିଷ୍ଟ ସବୁକିଛି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରିଚୟର ମୂଳବିନ୍ଦୁ ।

▶▶ପୃଷ୍ଠା ୭

## ଆସନ୍ତାକାଲି ବନ୍ଦ ରହିବ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୦୫/୦୩ (ନି.ପ୍ର): ଆସନ୍ତାକାଲି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ବନ୍ଦ ରହିବ । ପଞ୍ଚାୟତିରାଜ ଦିବସ ଉପଲକ୍ଷେ ରାଜ୍ୟର ସମସ୍ତ ସରକାରୀ, ବେସରକାରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୋଟିସ୍ ଜାରି ହୋଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର ସମସ୍ତ କଲେଜର ପ୍ରିନ୍ସିପାଲ ଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଚିଠି ଲେଖି ଜଣାଇଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଆସନ୍ତାକାଲି ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ହେବାକୁ ଥିବାରୁ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ ।

# ବିଧାନସଭା ନିର୍ବାଚନ ୨୦୨୧: ଏଥରକ ମତଦାନ ପାଇଁ ଫଟୋ ଭୋଟର ସ୍ଲିପ୍ ବଦଳରେ ବ୍ୟବହାର ହେବ ଭୋଟର ସୂଚନା ସ୍ଲିପ୍

ଭୁବନେଶ୍ୱର,୦୫/୦୩ (ନି.ପ୍ର): ଚଳିତ ମାସ ଦେଶରେ ୪ ଟି ରାଜ୍ୟ ସହିତ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ଭୋଟ ଅନୁଷ୍ଠିତ ହେବାକୁ ଯାଉଛି । ହେଲେ ତାମିଲନାଡୁ ନିର୍ବାଚନ କମିଶନ ଭୋଟଦାତାଙ୍କ ପାଇଁ ଏକ ନୂଆ ନିୟମ ଲାଗୁ କରିଛନ୍ତି । ତାମିଲନାଡୁ ବିଧାନସଭା ନିର୍ବାଚନରେ ଚଳିତ ଥର ମତଦାନ ପାଇଁ ଫଟୋ ଭୋଟର ସ୍ଲିପ୍ ବଦଳରେ ଭୋଟର ସୂଚନା ସ୍ଲିପ୍‌ର ବ୍ୟବହାର କରାଯିବ। ୨୦୨୧ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ୬ରେ ଅନୁଷ୍ଠିତ ହେବାକୁ ଥିବା ମତଦାନ କାର୍ଯ୍ୟକ୍ରମର ଅତି କମରେ ୫ଦିନ ପୂର୍ବରୁ ମତଦାନ ପାଇଁ ନାମ ପଞ୍ଜୀକରଣ କରିଥିବା ସମସ୍ତ ଭୋଟରଙ୍କୁ ଫଟୋ ଭୋଟର ସ୍ଲିପ ବଦଳରେ ଏହି ନୂତନ ଭୋଟର ସୂଚନା ସ୍ଲିପ ପ୍ରଦାନ କରିବାକୁ ଭାରତର ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଏସଂପର୍କରେ ସୂଚନା ଦେଇ ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସତ୍ୟବ୍ରତ ସାହୁ କହିଛନ୍ତି ଯେ ମତଦାନ ପାଇଁ ବ୍ୟବହୃତ ହେବାକୁ ଥିବା ଭୋଟର ସୂଚନା ସ୍ଲିପରେ ମତଦାନ କେନ୍ଦ୍ରର ନାମ, ମତଦାନର ତାରିଖ ଏବଂ ସମୟ ଇତ୍ୟାଦି ବିଷୟରେ ସବିଶେଷ ତଥ୍ୟ ରହିବ। କିନ୍ତୁ ଭୋଟର ବା ମତଦାତାଙ୍କର ଫଟୋ ରହିବ ନାହିଁ। ଗୁରୁବାର ଏକ ବିବୃତ୍ତିରେ ସେ କହିଛନ୍ତି ଯେ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ମତଦାନ ପାଇଁ ନାମ ପଞ୍ଜୀକରଣ କରିଥିବା ସମସ୍ତ ଭୋଟରଙ୍କୁ ମତଦାନ ତାରିଖର ଅତି କମରେ ୫ଦିନ ପୂର୍ବରୁ ଭୋଟର ସୂଚନା ସ୍ଲିପ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ/ଭୁବନେଶ୍ୱର,୦୫/୦୩ (ନି.ପ୍ର): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ଟ୍ୱିଟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ବିଜୁ ବାବୁଙ୍କୁ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି। ଭାରତ ପାଇଁ ତାଙ୍କ ଦୂରଦୃଷ୍ଟି ଏବଂ ମାନବ ସଶକ୍ତିକରଣ ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଆମମାନଙ୍କୁ ପ୍ରେରଣା ଯୋଗାଉଛି । ଓଡିଶାର ପ୍ରଗତିରେ ତାଙ୍କର ଯୋଗଦାନ ଲାଗି ଦେଶ ଗର୍ବିତ" ।

# ଏସଏଫଡିଆର କ୍ଷେପଣାସ୍ତ୍ର ପରୀକ୍ଷା



ବାଲେଶ୍ୱର,୦୫/୦୩ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ 'ଡିଆରଡିଓ' ପକ୍ଷରୁ ଶୁକ୍ରବାର ଏସଏଫଡିଆର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଯାଇଛି। ଚାନ୍ଦିପୁର ରେଞ୍ଜରୋଡ଼ସ୍ଥିତ ଆଇଟିଆରର ୩ ନଂ ଲଞ୍ଚ କମ୍ପ୍ଲେକ୍ସରୁ ପୂର୍ବାହ୍ନ ୧୦ଟା ୩୦ ସମୟରେ ଏହାକୁ ଉତକ୍ଷେପଣ କରାଯାଇଥିଲା। ଅନ୍ତରୀଣ କଠିନ ଇନ୍ଧନ ବା ସଲିଡ୍ ଫ୍ୟୁଏଲ ଡକ୍ଟେଡ ରାମଜେଟ (ଏସଏଫଡିଆର) ମିଜାଇଲର ସଫଳ ପରୀକ୍ଷଣ ଆଗାମୀ ଦିନରେ ଡିଆରଡିଓକୁ ବାୟୁ ମିଜାଇଲ ପରୀକ୍ଷଣରେ ସହାୟକ ହେବ ବୋଲି ଜଣାପଡ଼ିଛି। ଆଇଟିଆର ପକ୍ଷରୁ ବ୍ୟବହୃତ ଅପ୍ଟିକାଲ ରାଡ଼ାର ଏବଂ ଟେଲିମେଟ୍ରି ଦ୍ୱାରା ମିଜାଇଲର ସଫଳ ପରୀକ୍ଷା ଉପରେ ନଜର ରଖିଥିଲା। ପ୍ରତିରକ୍ଷା ବିଭାଗର ବିଭିନ୍ନ ଲାବର ବୈଜ୍ଞାନିକମାନେ ଏହି ପରୀକ୍ଷାକୁ ଅନୁଧ୍ୟାନ କରିଥିଲେ। ଭାର ଓ ରଷର ମିଳିତ ଆନୁକୂଲ୍ୟରେ ପ୍ରସ୍ତୁତି ହୋଇଛି ଏହି ବିକଶିତ କ୍ଷେପଣାସ୍ତ୍ର। ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠରୁ ବାୟୁ ଓ ବାୟୁରୁ ବାୟୁକୁ ସଫଳ ଉତକ୍ଷେପଣର କ୍ଷମତା ଏହି ଏସଏଫଡିଆର ମିଜାଇଲର ରହିଛି ବୋଲି ଡିଆରଡିଓ ପକ୍ଷରୁ ପ୍ରକାଶ।

## ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ

# ୨୯୧ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କଲା ଟିଏମସି : ନନ୍ଦୀଗ୍ରାମରୁ ଲଢିବେ ମମତା




ପଶ୍ଚିମବଙ୍ଗ,୦୫/୦୩ : ପଶ୍ଚିମବଙ୍ଗର ନନ୍ଦିଗ୍ରାମରେ ହେବ ସବୁଠାରୁ ବଡ ଲଢେଇ । ଟିଏମସି ଛାଡି ବିଜେପିରେ ଯୋଗଦେଇଥିବା ଶୁଭେନ୍ଦୁ ଅଧିକାରୀଙ୍କ ଗଡରୁ ଲଢିବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏଥର ଭାବନୀପୁର ବଦଳରେ ନନ୍ଦିଗ୍ରାମରୁ ପ୍ରାର୍ଥୀ ହେବେ ମମତା । ଆସନ୍ତା ୧୦ ତାରିଖରେ ସେ ଏହି ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିବେ । ଏହାସହ ମମତା ତାଙ୍କର ପାରମ୍ପରିକ ଆସନ ଭବାନୀପୁରରୁ ନିର୍ବାଚନ ଲଢିବେ ନାହିଁ । ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ୨୯୧ ପ୍ରାର୍ଥୀଙ୍କ ତାଲିକା ଜାରି କରି ଏହି ଘୋଷଣା କରିଛି ତୃଣମୂଳ କଂଗ୍ରେସ । ଅର୍ଥାତ ନନ୍ଦିଗ୍ରାମରେ ଶୁଭେନ୍ଦୁ ଅଧିକାରୀଙ୍କ ସହ ଏଥର ମମତା ବାନାର୍ଜୀଙ୍କ ମୁହାଁମୁହିଁ ଲଢେଇ ହେବ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ୨୯୧ ଟି ଆସନରେ ପ୍ରାର୍ଥୀ ତାଲିକା ଘୋଷଣା କରିଛି ତୃଣମୂଳ କଂଗ୍ରେସ । ଏଥର ଦଳ ୧୦୦ ଟି ଆସନରେ ନୂଆ ଚେହେରା ଦେଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ୫୦ ଜଣ ମହିଳା ରହିଛନ୍ତି ।

▶▶ପୃଷ୍ଠା ୭

# କବି ଅରୁଣ କୁମାର ସାହୁଙ୍କର କବିତା ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ପର୍ବ ଆଜି

ବାସୁଦେବପୁର,୦୫/୦୩ (ନି.ପ୍ର): ଆସନ୍ତାକାଲି ମାର୍ଚ୍ଚ ୬ତାରିଖ ସକାଳ ୧୦.୩୦ମି ସମୟରେ ବାସୁଦେବପୁରସ୍ଥ ହୋଟେଲ ସ୍ନେହା ରେସିଡେନ୍ସିର ସଭାଗୃହଠାରେ କବି ଶ୍ରୀ ଅରୁଣ କୁମାର ସାହୁଙ୍କର ଦୁଇଟି କବିତା ଗ୍ରନ୍ଥ 'ସଂକ୍ଷିପ୍ତ ୧୫୧' ଏବଂ 'ଅଣନାୟକ'ର ଲୋକାର୍ପଣ ପର୍ବ ଅନୁଷ୍ଠିତ ହେବ। 'ସଂକ୍ଷିପ୍ତ ୧୫୧' କବିଙ୍କର ୩ୟ କବିତା ଗ୍ରନ୍ଥ ହୋଇଥିବା ବେଳେ 'ଅଣନାୟକ'ର ଏହା ଦ୍ୱିତୀୟ ସଂସ୍କରଣ। ଭୁବନେଶ୍ୱରର ବିଶିଷ୍ଟ ପ୍ରକାଶନୀ ସଂସ୍ଥା 'ପକ୍ଷୀଘର' ଉଭୟ ପୁସ୍ତକର ପ୍ରକାଶକ ହୋଇଥିବା ବେଳେ ଉକ୍ତ ସାହିତ୍ୟ ସଭାର ମଧ ଆୟୋଜକ। ଓଡିଶାର ସାତଟି ପ୍ରତିଷ୍ଠିତ ପତ୍ରିକାର ସଂପାଦକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବାର ଜଣାଯାଇଛି । ଝଙ୍କାରର ସଂପାଦକ ଶ୍ରୀ ସରୋଜ ରଂଜନ ମହାନ୍ତି, କଥାର ସଂପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର ଶ୍ରୀ ଗୌରହରି ଦାସ, ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ସାଗରିକାର ସଂପାଦକ ବିଶିଷ୍ଟ ସାହିତ୍ୟିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, 'କାହାଣୀ' ପତ୍ରିକାର ସଂପାଦକ ତଥା ପୂର୍ବତନ ଆଇ.ଏ.ଏସ୍ ଶ୍ରୀ ବିଜୟ ନାୟକ, 'ଆମରି ଗପ'ର ସଂପାଦକ ବିଶିଷ୍ଟ ଗାଳ୍ପିକ ଡ. ଅରବିନ୍ଦ ରାୟ, ବିଶିଷ୍ଟ କବି ଓ 'କଥାକଥା କବିତା କବିତା'ର ସଂପାଦକ ଶ୍ରୀ ଅକ୍ଷୟ ବେହେରା ତଥା ବିଶିଷ୍ଟ ନାଟ୍ୟକାର ଓ 'ଭିଜାମାଟି'ର ସଂପାଦିକା ଶ୍ରୀମତି ଚିନ୍ମୟୀ ଷଡଙ୍ଗୀଙ୍କ ଅପେକ୍ଷାରେ ଅଛନ୍ତି ବାସୁଦେବପୁରର ସାହିତ୍ୟମହଲ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଓଡିଆ ବିଭାଗର ପ୍ରଫେସର ବିଶିଷ୍ଟ ସମାଲୋଚକ ଡ. ଆଦିକନ୍ଦ ସାହୁ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିବେ । ବିଶେଷ ଆକର୍ଷଣ ହେଉଛି ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ସାହିତ୍ୟକୁ ଲୋକପ୍ରିୟ କରାଇବା ପାଇଁ ଅହରହ ଚେଷ୍ଟାରତ ୨୨ଟି ସାହିତ୍ୟ ସଂଗଠନକୁ 'ଈଶ୍ୱର ସାହୁ ଫାଉଣ୍ଡେସନ' ତରଫରୁ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଈଶ୍ୱର ସାହୁ ଫାଉଣ୍ଡେସନର ସଭାପତି ଶ୍ରୀ ଅମୂଲ୍ୟ କୁମାର ସାହୁ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

## ଫ୍ରାନ୍ସ ରାଷ୍ଟ୍ରଦୂତଙ୍କ 'କଳାଭୂମି' ପରିଦର୍ଶନ



ଭୁବନେଶ୍ୱର,୦୫/୦୩ (ନି.ପ୍ର): ଫ୍ରାନ୍ସର ରାଷ୍ଟ୍ରଦୂତ ଏମାନୁଏଲ୍ ଲେନାଇନ୍ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ସ୍ଥିତ କଳାଭୂମି ପରିଦର୍ଶନ କରିଛନ୍ତି। ତାଙ୍କ ସହିତ କୋଲକାତାସ୍ଥିତ ଫ୍ରାନ୍ସ ଦୂତାବାସରେ ଅବସ୍ଥାପିତ କନ୍ସୁଲେଟ୍ ଜେନେରାଲ୍ ଭିର୍ଜିନି କରଟେଭାଲ୍ ଏବଂ ଦୂତାବାସର ଅର୍ଥନୈତିକ ତଥା ବୈଜ୍ଞାନିକ ସହଯୋଗ ପରାମର୍ଶଦାତା ଏମିଲିଆ କାର୍ଟିଆର୍ ମଧ କଳାଭୂମି ପରିଦର୍ଶନ କରିଥିଲେ। ଅତିଥିମାନେ ସଂଗ୍ରହାଳୟ ପରିସରରେ ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଭରପୂର ଉପଭୋଗ କରିଥିଲେ । କୋଭିଡ୍-୧୯ ପାଇଁ ସରକାରଙ୍କ ଅନୁମୋଦିତ ନିର୍ଦ୍ଦେଶାବଳୀ ପାଳନ କରି କଳାଭୂମି କର୍ମଚାରୀମାନେ ଅତିଥିମାନଙ୍କୁ ସଂଗ୍ରହାଳୟ ପରିଦର୍ଶନରେ ସହାୟତା କରିଥିଲେ।

## ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ମାମଲା

# ୧୨ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା ଏନସିବି

## ରିୟା, ସୌଭିକ ସମେତ ୩୩ ଜଣ ଅଭିଯୁକ୍ତ



ନୂଆଦିଲ୍ଲୀ,୦୫/୦୩ (ନି.ପ୍ର): ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଡ୍ରଗ୍ସ ସଂପୃକ୍ତି ନେଇ ଯାଂଚ କରୁଥିବା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମୁମ୍ବାଇର ଏନଡିପିଏସ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛନ୍ତି । ଏନସିବି ଦାଖଲ କରିଥିବା ଏହି ୩୦ ହଜାର ପୃଷ୍ଠାର ଚାର୍ଜସିଟରେ ଦିପୀକା ପାଦୋକନ୍, ସାରାଅଲ୍ଲି ଖାନ୍ ଓ ଶ୍ରଦ୍ଧା କପୁରଙ୍କ ବୟାନ ବି ଯୋଡା ହୋଇଛି । ଚାର୍ଜସିଟରେ ୫ ଜଣ ଅଭିଯୁକ୍ତ ଫେରାର୍ ଥିବା କଥା ବି କୁହାଯାଇଛି । ଏହାସହ ଚାର୍ଜସିଟ୍ ମୁତାବକ ରିୟା ଚକ୍ରବର୍ତ୍ତି ଓ ତାଙ୍କ ଭାଇ ସୌଭିକଙ୍କୁ

▶▶ପୃଷ୍ଠା ୭

## ଅନୁଭବ-ବର୍ଷା ପାରିବାରିକ ବିବାଦ ମାମଲା

# କଟକ ଫ୍ୟାମିଲି କୋର୍ଟକୁ ହେଲା ସ୍ଥାନାନ୍ତର



ଭୁବନେଶ୍ୱର,୦୫/୦୩ (ନି.ପ୍ର): ଦିଲ୍ଲୀରୁ କଟକକୁ ସ୍ଥାନାନ୍ତର ହେଲା ବର୍ଷା-ଅନୁଭବ ପରିବାରିକ ବିବାଦ ମାମଲା । ଅର୍ଥାତ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ପରିବର୍ତେ ଏବେ ଏହି ମାମଲାର ଶୁଣାଣି କଟକର ଫ୍ୟାମିଲି କୋର୍ଟରେ ହେବ । ତେବେ ଆଜିର ଶୁଣାଣି ପରେ ପ୍ରତିକ୍ରିୟା ରଖିଛନ୍ତି ଅନୁଭବଙ୍କ ଓକିଲ । ସେ କହିଛନ୍ତି ମାମଲା କଟକ ସ୍ଥାନାନ୍ତର ପାଇଁ ହୋଇଥିବା ପିଟିସନକୁ ଅନୁଭବ ବିରୋଧ କରିନଥିଲେ । ବରଂ ମାମଲା କଟକ ସ୍ଥାନାନ୍ତର ପାଇଁ ତାଙ୍କ ପକ୍ଷରୁ

▶▶ପୃଷ୍ଠା ୭

# ହଜରତ ଫକୀର ଶାହ ପୀରବାବାଙ୍କ ବାର୍ଷିକ ଉର୍ସ ଉଦ୍‌ଘାଟିତ

ବାଲେଶ୍ୱର,୫।୩ (ନି.ପ୍ର): ବାଲେଶ୍ୱର ସହରର ଗଡ଼ଗଡ଼ିଆ ଛକସ୍ଥିତ ହଜରତ ଫକୀର ଶାହ ପୀର ବାବାଙ୍କ ୮୩ ତମ ୩ ଦିନିଆ ବାର୍ଷିକ ଉତ୍ସବ 'ଉର୍ସ' ଭାବାବେଗମୟ ପରିବେଶ ମଧ୍ୟରେ ଗୁରୁବାର ଉଦଘାଟିତ ହୋଇଯାଇଛି । ଓଡ଼ିଶା ତଥା ରାଜ୍ୟ ବାହାରୁ ମୁସଲମାନ ସମ୍ପ୍ରଦାୟର ଶତାଧିକ ଶ୍ରଦ୍ଧାଳୁ ପୀରବାବାଙ୍କ ଆସ୍ଥାନରେ ଚାଦର ଚଢ଼ାଇବା ସହ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି । ବାବାଙ୍କ ଉର୍ସ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ବେଳେ ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ ପାଠ, ମିଲାତ ସରିଫ, ପ୍ରସାଦ ବିତରଣ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନରେ ସିଞ୍ଚନ ପରେ ଚାଦର ଚଢ଼ା ଓ ସାମୂହିକ କୋରାନ ପାଠ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପଶ୍ଚିମବଙ୍ଗ ମେଦିନିପୁରର ମୌଲାନା ହଜରତ୍ ସୟଦ୍ ନୁର ତରସିତ ଅଲ୍ କାଦିର ଏଥିରେ ଯୋଗଦେଇ ବାବାଙ୍କ ଆସ୍ଥାନରେ ଚାଦର ଚଢାଇଥିଲେ । ପରେ ଭକ୍ତମାନେ ଦିବସବ୍ୟାପୀ ବାବାଙ୍କୁ ଦର୍ଶନ କରି ଚାଦର ଚଢାଇଥିଲେ । ଉର୍ସ ଉତ୍ସବରେ ଦ୍ୱିତୀୟ ଦିବସରେ ପ୍ରସାଦ ବିତରଣ ସହ ଛୋଟ ଛୋଟ ପିଲାମାନଙ୍କୁ ନେଇ ଆଧତ୍ମିକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ଶେଷ ଦିନରେ ପ୍ରସାଦ ବିତରଣ ସହ ବିରାଟ କବାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉତ୍ସବ ପରିଚାଳନା କମିଟିର ସମ୍ପାଦକ ହାଜି ମହମ୍ମଦ ୟୁସୁଫ କହିଛନ୍ତି । ବାବାଙ୍କ ପୀଠକୁ ଆସିଲେ ମନୋସ୍କାମନା ପୂରଣ ହୁଏ ବୋଲି ସମସ୍ତଙ୍କର ବିଶ୍ୱାସ ରହିଛି । ମନୋବାଞ୍ଛା ପୂରଣ ହେଲେ ବାବାଙ୍କ ଆସ୍ତାନରେ ଚାଦର ଚଢ଼ାଇବାକୁ ଆସି ଥାଆନ୍ତି ବୋଲି ଶୁଣିବାକୁ ମିଳେ । ଉର୍ସ ଉତ୍ସବର ଶେଷ ଦୁଇ ଦିନରେ ସହରର ବିଭିନ୍ନ ଅଂଚଳରୁ ଭକ୍ତମାନେ ଆସି ବାବାଙ୍କ ଉପରେ ଚାଦର ଚଢାଇବେ ବୋଲି ଉର୍ସ ଉତ୍ସବ ପରିଚାଳନା କମିଟିର ସଭାପତି ଅବଦୁଲ ସମତ ଖାନ ସୂଚନା ଦେଇଛନ୍ତି ।

## ରବିଧାନ କ୍ରୟ ପ୍ରକ୍ରିୟାରେ ଅଚଳାବସ୍ଥା: ପ୍ରଶିକ୍ଷଣକୁ ବିରୋଧ କରି ପ୍ୟାକ୍ସ ସଂପାଦକଙ୍କ ପ୍ରଶିକ୍ଷଣ ଶିବିର ବର୍ଜ୍ଜନ

ଜଳେଶ୍ୱର,୫।୩ (ନି.ପ୍ର): ଧାନ କ୍ରୟରେ କେତେକ ତ୍ରୁଟିପୂର୍ଣ୍ଣ ନିତୀ ଯୋଗୁଁ ସମବାୟ ସମିତି (ପ୍ୟାକ୍ସ) ସଂପାଦକମାନେ ବିରୋଧ କରି ଆଜି ବାଲେଶ୍ୱର ଠାରେ ହେବାକୁଥିବା ପ୍ରଶିକ୍ଷଣ ଶିବିରକୁ ବର୍ଜ୍ଜନ କରିଛନ୍ତି । ଫଳରେ ଆସନ୍ତା ରବିଋତୁ ଧାନକ୍ରୟ ଲାଗି ଆରମ୍ଭ ହୋଇଥିବା ପ୍ରକିୟା ବାଧାପ୍ରାପ୍ତ ହୋଇଛି । ଚଳିତବର୍ଷ ବାଲେଶ୍ୱର ଜିଲାରେ ୨୪୪୦୦ ହେକ୍ଟର ଜମିରେ ରବିଧାନ ଚାଷ ହୋଇଥିବା ବେଳେ ଜଳେଶ୍ୱର କୃଷି ଜିଲା ୧୭୧୮୮ ହେକ୍ଟର ଜମିରେ ରବିଧାନଚାଷ ହୋଇଛି । ଆଗାମୀ ଦିନରେ ଜଳେଶ୍ୱର କୃଷି ଜିଲାରେ ଧାନ ସଂଗ୍ରହ ଓ ଧାନ ବିକୟ ନେଇ ଚାଷୀଙ୍କ ମନରେ ଦ୍ୱନ୍ଦ ଥିବା ବେଳେ ଆଜି ଜିଲାସ୍ତରୀୟ ସଂପାଦକ ମାନଙ୍କ ପ୍ରଶିକ୍ଷଣ ଶିବିରକୁ ଜଳେଶ୍ୱରର ୧୯ଟି, ଭୋଗରାଇର ୧୯ଟି ଓ ବାଲିଆପାଳର ୧୬ ସେମା ସମବାୟ ସମିତିର ସଂପାଦକମାନେ ପ୍ରଶିକ୍ଷଣ ଶିବିରକୁ ଯାଇନଥିବା ଜଣାଯାଇଛି । ବାଲେଶ୍ୱର ଜିଲା ସହକାରୀ ନିବନ୍ଧକଙ୍କ ଚିଠି ନଂ ୫୦୬ ତା ୪-୩-୨୧ ଅନୁଯାୟୀ ଅପରାହ୍ନ ୩ଟାରେ ଭିଡିଓ ବାର୍ତ୍ତା ମଧ୍ୟମରେ ସଂପାଦକ ଓ ଡିଇଓମାନଙ୍କର ତାଲିମ ଲାଗି ଚିଠି ହୋଇଥିଲା । କିନ୍ତୁ ଗତ କିଛିବର୍ଷ ଧରି ଖରିଫ ଓ ରବିଋତୁରେ ପଂଜିକୃତ ହେଉଥିବା ଚାଷୀମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଟୋକନ୍ ନ ମିଳିବା, ଟୋକନ୍ ପାଇଥିବା ଚାଷୀ ନିର୍ଦ୍ଦିଷ୍ଟ ଦିନ ପ୍ୟାକ୍ସ କାର୍ଯ୍ୟାଳୟକୁ ଯାଇ ମିଲର ନଥିବା କାରଣରୁ ଧାନ ଫେରାଇ ଆଣିବା, ଟାର୍ଗେଟ ନଥିବାରୁ ଟୋକନ୍ ଧାରୀ ଦୀର୍ଘଦିନ ଧରି ସମିତି ସମ୍ମୁଖରେ ଧାନ ଧରି ପଡିରହିବା ଯୋଗୁଁ ପ୍ୟାକ୍ସର ସଂପାଦକମାନେ ଚାଷୀଙ୍କ କ୍ରୁଧର ଶୀକାର ହେଉଛନ୍ତି । ଏ ସଂପର୍କରେ ସଂପାଦକମାନେ ଜିଲାପାଳ, ବାଲେଶ୍ୱରର ସହନିବନ୍ଧକ, ବାଲେଶ୍ୱର ଯୋଗାଣ ଅଧିକାରୀଙ୍କୁ ଗତ ଫେବୃଆରୀ ୧୧ ଓ ୨୬ ତାରିଖରେ ଲିଖିତଭାବେ ଜଣାଇଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନ ହେବାରୁ ସଂପାଦକମାନେ ଆଜିଦିନରେ ହେବାକୁଥିବା ପଂଜିକରଣ ତାଲିମ ଓ ପଂଜିକରଣ କାର୍ଯ୍ୟକୁ ବିରୋଧ କରି ପ୍ରଶିକ୍ଷଣକୁ ବର୍ଜ୍ଜନ କରିଥିବା ଜଣାଯାଇଛି ।

## ଜିଲ୍ଲାସ୍ତରୀୟ ମୋ ଚାଟଶାଳୀ କାର୍ଯ୍ୟକ୍ରମର ଶୁଭାରମ୍ଭ

ମାଲକାନଗିରି,୫।୩ (ନି.ପ୍ର): ଶ୍ରମଜ୍ୱୀ ସଙ୍ଗଠନ ଓ ମହିଳା ଶ୍ରମଜିବୀ ସଙ୍ଗଠନ,ମାଲକାନଗିରି ପକ୍ଷ ରୁ ମାଲକାନଗିରି ବ୍ଲକର ଚାଲାଣଗୁଡା ପଂଚାୟତ ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ମୋ ଚାଟଶାଳୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି କ୍ଷ ଶ୍ରମଜୀବୀ ସଂଗଠନ ର ଆବାହକ ଘାସିରାମ ଗୁଟା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଅଥିତି ଭାବେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମୀ, ଚାଲାଣଗୁଡା ପଂଚାୟତ ର ପୂର୍ବତନ ସରପଂଚ ଇର୍ମା ପଡିଆମୀ , ଗୋରଖୁଣ୍ଟା ସରପଂଚ ଏରା ପଡିଆମୀ, ଚାଲାଣଗୁଡା ସରପଂଚ ପୁଷ୍ପା କବାସୀ ଯୋଗଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ସଂଗଠନ ତରଫରୁ ଏରେ ମାଢି, ଭାଗିରଥି ପାଟଣିଆ, ଗାଙ୍ଗୀ ସୋଡି ଓ ସଂଗଠନ ର କର୍ମକର୍ତା ମୁକୁନ୍ଦ ମାଡକାମୀ , ରାମ ବଡନାୟକ, ମଦନ ହନ୍ତାଳ , ଗୋବର୍ଧନ ପାଙ୍ଗି, ସନ୍ତୁ ମାଢି ଙ୍କ ସମେତ ସାତ ଗୋଟି ବ୍ଲକ ର ବିଭିନ୍ନ ଅଂଚଳରୁ ସ୍ୱେଚ୍ଛାସେବୀ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ମାନେ ଥିଲେ । କରୋନା ମହାମା ରୀ ଯୋଗୁଁ ପ୍ରାୟ ୧ବର୍ଷ ହେବ ପିଲା ମାନଙ୍କ ପାଠପଢା ଏକରକମ ବନ୍ଦ ଥିବା ବେଳେ ୧ ୭ ଗୋଟି ଆଦିବାସୀ ବହୁଳ ଜିଲ୍ଲା ମାନଙ୍କରେ ଓଡିଶା ଶ୍ରମଜୀବୀ ମଂଚ ଓ ମହିଳା ଶ୍ରମଜୀବୀ ମଂଚ ଓ ମାଲକାନଗିରି ଜିଲ୍ଲା ସଂଗଠନ ର ଏକ ଲକ୍ଷ ଛାତ୍ରଛାତ୍ରୀ ମୋ ଚାଟଶାଳୀ କାର୍ଯ୍ୟକ୍ରମ ମାଧ୍ୟମରେ ପାଠ ପଢ଼ାଇବା ଏକ ଉତମ ଓ ଯୁଗାନ୍ତ କାରୀ ପଦକ୍ଷେପ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ ସଂଗଠନ କୁ ପ୍ରଶଂସା କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଜିଲ୍ଲା ସମ୍ମିଳନୀ ପ୍ରସ୍ତୁତି



ବାଲେଶ୍ୱର,୫।୩ (ନି.ପ୍ର): ଆଗାମୀ ଏପ୍ରିଲ୍ ମାସ ୧୬ ତାରିଖ ଦିନ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୧୦ମ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନଠାରେ ଅନୁଷ୍ଠିତ ହେବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ଼-୧୯ ନିୟମ ଅନୁପାଳନ ପୂର୍ବକ ଉକ୍ତ ସମ୍ମିଳନୀର ଆୟୋଜନ ତଥା ସଫଳ ରୂପାୟନ ଲାଗି ଆଜି ପୂର୍ବାହ୍ନରେ ସ୍ଥାନୀୟ ନୃତ୍ୟ-ସଂଗୀତ-କଳା ମନ୍ଦିରର ମଞ୍ଚରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ସମ୍ମିଳନୀର ସଫଳ ଆୟୋଜନ ସକାଶେ ବିଭିନ୍ନ ଆବଶ୍ୟକତା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଉପସଭାପତି ଧୀରେନ୍ଦ୍ର ନାରାୟଣ ଦାସ, ଶରତ ଚନ୍ଦ୍ର ଦାଶ, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଷ୍ଣୁ ପ୍ରସାଦ ମହାନ୍ତି, ପଣ୍ଡିତ ସୁରେନ୍ଦ୍ର ନାଥ କର, ଦେବବ୍ରତ ପାଣିଗ୍ରାହୀ, ସମ୍ପାଦକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଦେବେନ୍ଦ୍ର ନାଥ ଚୌଧୁରୀ, ଦାମୋଦର ନାୟକ, ରାଜେନ୍ଦ୍ରନାଥ ରାଉତ, ଗୋପୀନାଥ ଦାସ, ଦୀନବନ୍ଧୁ ଲେଙ୍କା ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟମାନେ ନିଜନିଜର ସୁଚିନ୍ତିତ ମତବ୍ୟକ୍ତ କରିବା ସହିତ ଏହି ସମ୍ମିଳନୀ ଅବସରରେ ପ୍ରକାଶ ପାଇବାକୁ ଥିବା ବାର୍ଷିକ ମୁଖପତ୍ର 'ସାୟାହ୍ନ' ପ୍ରକାଶନ ଲାଗି ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଆଞ୍ଚଳିକ ସ୍ତରରେ ଥିବା ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତାମାନେ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ସମସ୍ତ ଲେଖାଗୁଡ଼ିକ ଜିଲ୍ଲା କାର୍ଯ୍ୟାଳୟରେ ପଏଠ କରିବା ଲାଗି ପରାମର୍ଶ ଦେଇଥିଲେ । ଡ. ରମାକାନ୍ତ ବେହେରା, ମୁକ୍ତିକାନ୍ତ ମହାନ୍ତି, ଡ. ପଦ୍ମଲୋଚନ ପାତ୍ର ଏବଂ ଲକ୍ଷ୍ମୀନାରାୟଣ ଘୋଷଙ୍କ ପ୍ରସ୍ତାବକ୍ରମେ ସମ୍ମିଳନୀର ଆୟୋଜନ ତଥା ମୁଖପତ୍ର ପ୍ରକାଶନ ଆଦି କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ସକାଶେ ଏକ ୧୧ଜଣିଆ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି । ସ୍ଥାନୀୟ ସଦର ବିଧାୟକ ସ୍ୱରୂପ କୁମାର ଦାସ ଉକ୍ତ ଅଭ୍ୟର୍ଥନା କମିଟିର ଚେୟାରମେନ୍ ରହିଥିବାବେଳେ ଅନ୍ତର୍ଯ୍ୟାମୀ ପ୍ରଧାନ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ପଣ୍ଡିତ ସୁରେନ୍ଦ୍ରନାଥ କର, ବିଷ୍ଣୁ ପ୍ରସାଦ ମହାନ୍ତି, ଲକ୍ଷ୍ମୀନାରାୟଣ ଘୋଷ, ଗିରିଶ ଚନ୍ଦ୍ର ଦାଶ, ଦାମୋଦର ନାୟକ ଓ ଶ୍ରୀ ଦେବେନ୍ଦ୍ରନାଥ ଚୌଧୁରୀ ସଦସ୍ୟ/ସଦସ୍ୟା ଅଛନ୍ତି । ମଞ୍ଚର ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ଏହି ଅଭ୍ୟର୍ଥନା କମିଟିର ଆବାହକ ଥିବା କଥା ସଭାପତି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଗବାନ ଚନ୍ଦ୍ର ରାଉତ, ପ୍ରଫୁଲ୍ଲ କୁମାର ଦାସ, ସୁଶ୍ରୀ ରେଣୁବାଳା ଦାସ, ପ୍ରବାସିନୀ କର, ପରମାନନ୍ଦ ପଣ୍ଡା, ନୃସିଂହଚରଣ ନାୟକ, ସୀତାରାମ ପ୍ରଧାନ, ଇଂ. ଲକ୍ଷ୍ମୀକାନ୍ତ ସରକାର, ଅଜୟ କୁମାର ବେହେରା ଓ କ୍ଷୀତିଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଯଶୋଦାନନ୍ଦନ ଆଶ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ ହୋଇଥିଲା ।

## ଦୁର୍ଦ୍ଧାନ୍ତ ଅପରାଧୀ ଅଜୟ ପାଠକ ଗିରଫ

ଝାରସୁଗୁଡା ,୫।୩ (ନି.ପ୍ର): ଝାରସୁଗୁଡା ପୋଲିସ ଝାରପଡା ଜେଲରେ ଥିବ ଦୁର୍ଦ୍ଧାନ୍ତ ଅପରାଧୀ ସୋନୁଘୋଷର ଅନ୍ୟତମ ସହଯୋଗୀ ଅଜୟ ପାଠକକୁ ଗିରଫ କରିଛି ।ସୋନୁ ସହ ମିଶି ଅନେକ ଅପରାଧ ଘଟାଇଥିବା ଅଜୟର ଗତିବିଧିକୁ ପୋଲିସ କିଛିଦିନରୁ ଲକ୍ଷ୍ୟ ରଖିବା ପରେ ତାଘରେ ଗତରାତିରେ ଅଚାନକ ଚଢାଉ କରି ଏକ ବେଆଇନ୍ ଦେଶୀ ବନ୍ଧୁକ ସହ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରି ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ।ଝାରସୁଗୁଡା ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୁଚନା ଦେବା ସମୟରେ ଅଜୟ ନାଁରେ ବ୍ରଜରାଜନଗର ଥାନାରେ ପୁର୍ବରୁ ଦୁଇଟି ଅପରାଧିକ ମାମଲା ରହିଥିବା ବେଳେ ସେ ରାଜ୍ୟର ଅନ୍ୟ ଥାନା ସହ ପଡୋଶୀ ଝାଡଖଣ୍ଡରେ ଅନେକ ମାମଲାରେ ସଂପୃକ୍ତ ଥିବା ସୁଚନା ଦେଇଥିଲେ ।

## ମାଲିକକୁ ହତ୍ୟାକଲା କୁକୁଡ଼ା

ମାଲକାନଗିରି,୫।୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଗାନା ରାଜ୍ୟରେ ଏକ ଅଭାବନୀୟ ଘଟଣା ଘଟିଛି।କୁକୁଡ଼ା ଲଢେଇ ପାଇଁ ପ୍ରସ୍ତୁତ ହେଉଥିବା ଗୋଟିଏ ଗଞ୍ଜା କୁକୁଡ଼ା ନିଜ ମାଲିକକୁ ଛୁରୀ ଭୁସି ହତ୍ୟାକାରିଥିବା ଜଣାପଡିଛି।ଏହି ଘଟଣା ପରେ ପୋଲିସ ଏକ ମାମଲା ରୁଜୁ କରି ଗଞ୍ଜାକୁ ଅଟକ ରଖିଛି।ସୂଚନା ଅନୁଯାୟୀ ତେଲେଗାନା ରାଜ୍ୟ ଜଗଡିୟାଲ ଜିଲ୍ଲା ଲୁଥିନୁର ଗାଁ ରେ ବଡଧରଣର କୁକୁଡ଼ା ଲଢେଇ ଚାଲିଥିଲା।ଏଥିରେ ସାମିଲ ହେବା ପାଇଁ ସତୀଶ ନାମକ ଏକ ଯୁବକ ନିଜ ଗଞ୍ଜା କୁକୁଡ଼ା ଗୋଡ଼ରେ ଛୁରୀ ବାନ୍ଧି ଲଢେଇ ପାଇଁ ପୂର୍ବ ପ୍ରସ୍ତୁତି କରୁଥିବାବେଳେ କୁକୁଡ଼ା ବାରମ୍ୱାର ୩ ଫୁଟ ଉପରକୁ ଉଠି ରାଗି ଯାଇ ମାଲିକ ର ପେଟରେ ଗୋଡ଼ରେ ବନ୍ଧା ହୋଇଥିବା ଛୁରୀରେ ଭୁସି ଦେଇଥିଲା।ଗୁରୁତର ଅବସ୍ଥାରେ ମେଡିକାଲ ନେବାବେଳେ ବାଟରେ ତାଙ୍କର ଦେହାନ୍ତ ହୋଇଥିଲା।

## ହୃଦାନନ୍ଦ ମେମୋରିଆଲ ଟି୨୦ କ୍ରିକେଟ: ଜଗନ୍ନାଥପୁର କ୍ରିକେଟ କ୍ଲବ ଚାମ୍ପିୟନ



ଭଦ୍ରକ,୫।୩ (ନି.ପ୍ର): ସୂର୍ଯ୍ୟଶିଖା କ୍ଲବ ଆନୁକୂଲ୍ୟରେ ଭଦ୍ରକ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ହୃଦାନନ୍ଦ ମେମୋରିଆଲ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜଗନ୍ନାଥପୁର କ୍ରିକେଟ କ୍ଲବ ସୂର୍ଯ୍ୟଶିଖା କ୍ଲବକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ଜଗନ୍ନାଥପୁର କ୍ରିକେଟ କ୍ଲବ (ଜେସିସି) ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୮ରନ କରିଥିଲା । ଦଳ ପକ୍ଷରୁ ଜିତେନ୍ଦୁ ଶେଖର ଭୋଇ ୩୧ ବଲ୍‌ରେ ୬୪ରନ ଓ ସୂର୍ଯ୍ୟ ଭୋଇ ୧୯ ବଲ୍‌ରେ ୩୭ରନ କରିଥିଲେ । ସୂର୍ଯ୍ୟଶିଖା ପକ୍ଷରୁ ଷ୍ଟାଲିନ୍ ଲେଙ୍କା ୩ଟି ଓ ପ୍ରଶାନ୍ତ ରଣା ଗୋଟିଏ ଉଇକେଟ ନେଇଥିଲେ । ୧୯୯ ରନର ବିଜୟଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ସୂର୍ଯ୍ୟଶିଖା କ୍ଲବ ୧୬ ଓଭରରେ ମାତ୍ର ୧୦୫ରନ କରି ସମସ୍ତ ଖେଳାଳୀ ଆଉଟ ହୋଇ ଯାଇଥିଲେ । ଦଳ ୯୩ରନ୍‌ରେ ମ୍ୟାଚ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା । ସୂର୍ଯ୍ୟଶିଖା ପକ୍ଷରୁ ରଂଜିତ ମହାକୁଡ ୨୮ ଓ ଶୁଭମ୍ ନାୟକ ୧୭ରନ କରିଥିବା ବେଳେ ଜେସିସି ପକ୍ଷରୁ କ୍ଷମାସାଗର ବଳ ଓ ସତ୍ୟକାମ ଭରଦ୍ୱାଜ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ । ଜିତେନ୍ଦୁ ଶେଖର ଭୋଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲବର ଉପସଭାପତି ଶୁଭ୍ରାଂଶୁ ଭୂଷଣ ଦାସ, ଶୁଭ୍ରକାଶ ନାୟକ, ସ୍ମୃତି ରଂଜନ ଚୌଧୁରୀ, ଅଶ୍ୱିନୀ ଦାସ, ଜଗନ୍ନାଥ ସାହୁ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିବା ବେଳେ ଟୁର୍ଣ୍ଣାମେଣ୍ଟକୁ କ୍ଲବର କ୍ରୀଡା ସମ୍ପାଦକ ବଳରାମ ଦାସ ପରିଚାଳନା କରିଥିଲେ । ଆଜି ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ, ରଂଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ ।

## ମହାରାଜାଙ୍କ ସମାଧୀପୀଠରେ ସୁଡଙ୍ଗ ଖୋଳାକୁ ନେଇ ଭଂଜସେନା ପକ୍ଷରୁ ପ୍ରତିବାଦ



ବାରିପଦା ,୫।୩ (ନି.ପ୍ର): ଅତୀତର ସମୃଦ୍ଧ ମୟୂରଭଂଜ ଗଡଜାତ ରାଜ୍ୟର ପ୍ରଜାନୁରକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜ ଦେଓଙ୍କ ମଧୁବନ ରାଣୀବାଗ ସ୍ଥିତ ସମାଧୀପୀଠ ଅନେକ ସମୟରେ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚାରେ ରହି ଆସିଥିବା ବେଳେ । ଏହି ପବିତ୍ର ଐତିହାସିକ ସମାଧୀସ୍ଥଳ ଏବେବି ଅବହେଳିତ ହୋଇ ପଡିରହିଛି । ତେବେ ବିଭିନ୍ନ ସମୟରେ ଏହି ସମାଧି ଉପରେ ଅତୀତରେ ବହୁବାର ବିଭିନ୍ନ ଅସାମାଜିକ ଲୋକେ ସମାଧିକୁ କ୍ଷତି ପହଂଚାଇ ଥିବାର ଦେଖା ଯାଇଛି । ତେବେ ହଠାତ ଗତକାଲି ସଂଧ୍ୟାରେ ମହାରାଜାଙ୍କ ଉକ୍ତ ସମାଧି ପୀଠ ପାର୍ଶ୍ୱରେ ସୁଡଙ୍ଗ ଖୋଳା ଯାଇଥିବାର ଦେଖାଯିବା ପରେ ଘଟଣାକୁ ନେଇ ଚର୍ଚ୍ଚା ଲାଗିରହିଥିବା ବେଳେ, ଆଜି ସମାଧୀ ସ୍ଥଳରେ ଭସେନା ପକ୍ଷରୁ ଏହି ବେଆଇନ ସୁଡଙ୍ଗ ଖନନ ଘଟଣାର ବିଧିବଦ୍ଧ ତଦନ୍ତ ଦାବୀରେ ନୀରବ ଦାରନାରେ ବସିଥିବାର ଦେଖାଯାଇଛି । ଯଦି ପ୍ରସାଶନ ଏହିଘଟଣାକୁ ଗୁରୁତର ସହିତ ନନେଇ ଘଟଣାର ସଠିକ ଅନୁସନ୍ଧାନ ନକରେ ଏବଂ ଏହି ଐତିହାସୀକ ସମାଧୀ ସ୍ଥଳର ଉନ୍ନତିକରଣ ନକରେ ତେବେ ଆଗକୁ ଏହି ଆନନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଭସେନାର ସଭାପତି ପିଣ୍ଟୁ ମାଇତି କହିଛନ୍ତି । ଆଜିର ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ମୁଖପାତ୍ର ଜ୍ୟୋତି ରନ ପୃଷ୍ଟି, ଉପସଭାପତି ସନାତନ ସାହୁ, ରାକେଶ ମହାନ୍ତି, ସାଫଲ୍ୟ ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ବହୁ ଯୁବକ ଛାତ୍ର ଯୋଗଦେଇଥିଲେ ।

## ବେଆଇନ ମାଙ୍କଡା ଖାଦାନ ଉପରେ ଚଢାଉ

ଧର୍ମଶାଳା,୫।୩ (ନି.ପ୍ର):ଗତ କାଲି ବିଳମ୍ବିତ ରାତିରେ ଡାଲିଯୋଡା ବନାଂଚଳ ଅଧିକାରୀ ଓ କଟକ ଭିଜିଲାନ୍ସ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଟାଙ୍ଗୀ ଅଂଚଳରେ ଚାଲିଥିବା ବେଆଇନ ମାଙ୍କଡା ଖନନ କାର୍ଯ୍ୟ ଉପରେ ଚଢାଉ କରି ଗୋଟିଏ ଜେସିବି ମେସିନ ଓ ୭ଟି ପାୱାର ଟିଲର ଜବତ କରିଛି । ସୂଚନା ଥାଉକି ଗଲା କିଛି ଦିନ ହେବ ଏଠାରେ ମାଙ୍କଡା ପଥର ଚୋରା ଚାଲାଣ ହେଉଥିବା ବନ ବିଭାଗ ପାଖରେ ସୂଚନା ରହିଥିଲା । ପଶ୍ଚିମ ବଡଚଣାରେ ମାଙ୍କଡା ପଥର ଚୋରା ଚାଲାଣ ଉପରେ ପ୍ରଶାସନ ରୋକ ଲଗାଇଥିବା ବେଳେ ବଡଚଣା ଅଂଚଳର କିଛି ମାଙ୍କଡା ପଥର ମାଫିଆମାନେ କଟକ ଜିଲା ଟାଙ୍ଗୀ ଅଂଚଳରେ ଏବେ ଏହି ଆଡ୍ଡା ଜମାଉଥିବା ବେଳେ ଆଜିର ଏହି ଚଢାଉ ଫଳରେ ମାଫିଆ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଦୋବଲଠାରେ ନିର୍ମାଣାଧିନ ଗେଙ୍ଗୁଟି ନଦୀର ନୂତନ ପୋଲ ଆପ୍ରୋଚରୋଡ଼ ନିର୍ମାଣ ବିବାଦ ତୁଟିଲା : ବୁଦ୍ଧିଜୀବି ମାନଙ୍କ ବୈଠକରେ ସହମତି



ଧାମନଗର ,୫।୩ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଠାରେ ଗେଙ୍ଗୁଟି ନଦୀର ନିର୍ମାଣାଧିନ ନୂତନ ପୋଲ ଆପ୍ରୋଚ ରୋଡ଼ ନିର୍ମାଣ ନିମନ୍ତେ ଦୀର୍ଘଦିନଧରି ଦେଖାଦେଇଥିବା ବିବାଦର ସମାଧାନ ହୋଇଛି । ଧାମନଗର ତହସିଲ ଦାର ରାଧାକାନ୍ତ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉପଲକ୍ଷେ ଏକ ବୈଠକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଗ୍ରାଧିନ ମାମାଲା ସମ୍ପର୍କରେ ବ୍ୟାପକ ତର୍ଜମା କରାଯାଇଥିଲା । ଦୋବଲର ସୟଦ ମନସୁର ବାବା ଆସ୍ତାନା, କବରସ୍ଥାନ ଓ ଇଦ୍‌ଗାକୁ ଲାଗିରହିଥିବା ବସଷ୍ଟାଣ୍ଡ ତଥା ନୂତନ ଗେଙ୍ଗୁଟିପୋଲର ଆପ୍ରୋଚରୋଡ଼ ନିର୍ମାଣକୁ ନେଇ ବିବାଦ ଦେଖାଦେଇଥିଲା । ତେବେ ବୁଦ୍ଧିଜୀବୀ ମାନଙ୍କ ଏହି ବୈଠକରେ ଏହି ସମଶ୍ୟାର ଶାନ୍ତି ପୂର୍ଣ୍ଣ ସମାଧାନ ପାଇଁ ବାଟ ଖୋଲିଥିବା ଜଣାଯାଇଛି । ଘଟଣାରୁ ଜଣାଯାଇଛିଯେ ୧୯୪୨ ମସିହାରେ ଏକ ହାତପଟା ବଳରେ ଦୋବଲ ସୟଦ ମନସୁର ବାବାଙ୍କ ଆସ୍ଥାନା, କବରସ୍ଥାନ ଓ ଇଦ୍‌ଗାକୁ ଦୋବଲର ମୁସଲମାନ ଭାଇମାନେ ଭୋଗଦଖଲ କରିଆସୁଛନ୍ତି । ପରବର୍ତ୍ତୀ ସମୟରେ ସେଟଲମେଣ୍ଟ ଅଧିକାରୀ ଉକ୍ତ ହାତପଟାକୁ ଗ୍ରହଣ ନକରିବାରୁ ମାମଲା ଅଦାଲତକୁ ଯାଇଥିଲା । ୨୦୧୪ ମସିହାରେ ୱାକଫ ଟ୍ରିବ୍ୟୁନାଲ ଉକ୍ତ ସମ୍ପତିକୁ ପିରବାବାଙ୍କ ନାମରେ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ୨୦୧୫ରେ ଭଦ୍ରକ ବସ୍ ସିଣ୍ଡିକେଟ ତରଫରୁ ଶ୍ରୀନିବାସ ପତି କେସ ନଂ ୪୪୪୭/୧୫ ଏବଂ ଦୋବଲ ଜନସାଧାରଣଙ୍କ ତରଫରୁ ରବିନ୍ଦ୍ରନାଥ କର ଓ ଅନ୍ୟମାନେ କେସ ନଂ ୯୭୯୦/୧୫ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କରେ ଅପିଲ କଲେ । ଯାହା ବର୍ତ୍ତମାନ ବିଗ୍ରାଧିନ ରହିଛି । ଜନସାଧାରଣଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ନୂତନ ଗେଙ୍ଗୁଟି ପୋଲର ଆପ୍ରୋଚରୋଡ଼ ନିର୍ମାଣ ସାରିବାପାଇଁ ବୁଦ୍ଧିଜୀବୀ ମାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସହମତି ପ୍ରକାଶ ପାଇଥିଲା । ଆପ୍ରୋଚରୋଡ଼ ତୁରନ୍ତ ନିର୍ମାଣ କରିବା ସହିତ ଦୋବଲ ବସଷ୍ଟାଣ୍ଡକୁ ପୂର୍ବଭଳି କାର୍ଯ୍ୟକ୍ଷମ ରଖିବା ଓ ମନସୁର ବାବାଙ୍କ ଆସ୍ଥାନ, କବରସ୍ତାନ ଓ ଇଦ୍‌ଗାକୁ ସୁରକ୍ଷିତ ରଖିବା ସହିତ ଏ ସମ୍ପର୍କରେ ଚ୍ଲିଥିବା ମାମଲା ଗୁଡ଼ିକୁ ସହମତିରେ ଫଇସାଲା କରିବାପାଇଁ ମଧ ବୈଠକରେ ଆଲୋଚନା କରାଯାଇଥିଲା । ତହସିଲଦାର ରାଧାକାନ୍ତ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ମନୋଜ କୁମାର ମହାପାତ୍ର, ଜିଲ୍ଲାପରିଷଦ ସଦସ୍ୟ ମନୋରଂଜନ ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ବରିଷ୍ଠ ଶାନ୍ତିକମିଟି ସଦସ୍ୟ ବାସୁଦେବ ତ୍ରିପାଠୀ, ପ୍ରତାପ ସାମଲ, ଗୋଲାମ ଜିଲାନି ହବିବି, ସେକ୍ ତାଜୁଦ୍ଦିନ୍, ସେକ୍ ଜାଫର ଅଲ୍ଲୀ, ଆଇନ୍‌ଜୀବୀ ରଣଜିତ୍ ମହାନ୍ତି, ବୁଦ୍ଧିଜୀବୀ କାଦରି ଖାଁ, ସେକ୍ ଅକବର ଅଲ୍ଲି ଖାଁ, ସେକ୍ ବଦ୍‌ରୁଲ୍ ଖାଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ବେଳେ ମହିଳାଙ୍କ ଖାଦ୍ୟନଳୀ କଟିଲା

ଝାରସୁଗୁଡା ,୫।୩ (ନି.ପ୍ର): ଓଡିଶା-ଛତିଶଗଡ଼ ସୀମାନ୍ତ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ କୁହାକୁଣ୍ଡାଠାରେ ରହୁଥିବା ଜଣେ ମହିଳାଙ୍କ ଜନ୍ମ ନିୟନ୍ତ୍ରଣ ପାଇଁ ହୋଇଥିବା ଅସ୍ତ୍ରୋପଚାରରେ ତ୍ରୁଟି ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ବେଳେ ଡାକ୍ତର ମହିଳାଙ୍କ ଖାଦ୍ୟ ନାଳୀ କାଟି ଦେଇଛନ୍ତି । ମହିଳାଙ୍କ ଅବସ୍ଥା ଏବେ ଗୁରୁତର ହୋଇ ପଡ଼ିଛି । ତାଙ୍କୁ ବୁର୍ଲାରେ ଚିକିତ୍ସା କରାଯାଉଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମହିଳାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ସହିତ ଏପରି ବେପରୁଆ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏପରି ଅଭାବନୀୟ ଘଟଣା ଘଟିଛି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ । ଗତ ମଙ୍ଗଳବାର ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଯୋଜନାରେ ମହିଳାଙ୍କ ଅସ୍ତ୍ରୋପଚାର ଶିବିର ଚାଲିଥିଲା । କନକତୋରା ପଂଚାୟତ କୁହାକୁଣ୍ଡା ଗାଁ ଜିତେନ ଭୋଇଙ୍କ ପତ୍ନୀ ସରିତା ଭୋଇ ଏଠାକୁ ଅସ୍ତ୍ରୋପଚାର ପାଇଁ ଆସିଥିଲେ । ଅସ୍ତ୍ରୋପଚାର ସମୟରେ ଭୁଲରେ ଡାକ୍ତର ତାଙ୍କ ଖାଦ୍ୟ ନଳୀକୁ କାଟି ଦେଇଥିଲେ । ଫଳରେ ମହିଳାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା । ପ୍ରଥମେ ତାଙ୍କୁ ଜିଲ୍ଲା ମୁଖ୍ୟ ହସ୍ପିଟାଲ ଓ ପରେ ବୁର୍ଲା ହସ୍ପିଟାଲକୁ ନିଆଯାଇଛି । ହେଲେ ଏଭଳି ତ୍ରୁଟିପୂର୍ଣ୍ଣ ଚିକିତ୍ସା ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ପରେ ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବାକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି ।ତେବେ ଡାକ୍ତରଙ୍କ ଭୁଲ ଯୋଗୁଁ ଏପରି ଘଟଣା ଘଟିଥିବାରୁ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପରିବାର ଲୋକ ଦାବି କରିଛନ୍ତି ।

# ପୁଷ୍ଟିରେ ଭରା ମଞ୍ଜି

**ତରଭୁଜ:**
ଖରାଦିନେ ଏହି ଫଳଟି ସବୁରି ପ୍ରିୟ । ତରଭୁଜ ଖାଇସାରିବା ପରେ ସାଧାରଣତଃ ଆମେ ମଞ୍ଜିକୁ ଫିଙ୍ଗି ଦେଇଥାଉ । କିନ୍ତୁ ଜାଣନ୍ତି କି ତରଭୁଜର ମଞ୍ଜି ଅତି ଉପକାରୀ ଏହି ମଞ୍ଜିରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ ଥାଏ । ରକ୍ତରେ ଶର୍କରା ନିୟନ୍ତ୍ରଣ ପାଇଁ ମ୍ୟାଗ୍ନେସିୟମ ଅତି ଆବଶ୍ୟକୀୟ ଉପାଦାନ ଏହା ବ୍ୟତୀତ ସୋଡ଼ିୟମ, ପଟାସିୟମ, ମାଙ୍ଗାନିଜ, ଆଇରନ, ଫସଫରସ, କପର ଏବଂ ଜିଙ୍କ୍ ଭଳି ପୌଷ୍ଟିକ ଉପାଦାନ ଥାଏ ତରଭୁଜ ମଞ୍ଜିରେ । ଏହି ବୀଜ ଖାଦ୍ୟପୋଯୋଗୀ । ଆପଣମାନେ ବଜାରରୁ ଚାରମଗଜ ବୋଲି ଏକପ୍ରକାର ମଞ୍ଜି କିଣୁଥିବେ । ଏହା ହେଉଛି ତରଭୁଜ ମଞ୍ଜି ।



**ସୂର୍ଯ୍ୟମୁଖୀ ମଞ୍ଜି:**
ଫଳଭଳି ଫୁଲର ମଞ୍ଜି ବି ଉପକାରୀ । ଯେମିତିକି ସୂର୍ଯ୍ୟମୁଖୀ ଫୁଲ । ଓମେଗା ୬ଫ୍ୟାଟ୍ ଏବଂ ପ୍ରଚୁର ମାତ୍ରାରେ ଭିଟାମିନ ଇ ଏବେଂ ବି କମ୍ପ୍ଲେକ୍ସ ଥାଏ ସୂର୍ଯ୍ୟମୁଖୀ ମଞ୍ଜିରେ । ଏହା ବ୍ୟତୀତ କ୍ୟାଲସିୟମ, ଆଇରନ, ମାଙ୍ଗାନିଜ, ଜିଙ୍କ ଏବଂ ଆମିନୋ ଏସିଡ୍ ଟ୍ରିପଟୋଫ୍ୟାନ ମଧ୍ୟ ଥାଏ ।





**କଖାରୁ ମଞ୍ଜି:**
କଖାରୁ ମଞ୍ଜିକୁ ପୁଷ୍ଟିର ପାୱାରହାଉସ୍ କୁହାଯାଇପାରେ । ଏଥିରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ, ମାଙ୍ଗାନିଜ, କପର ଓ ଜିଙ୍କ ଥାଏ । ଏହା ବ୍ୟତୀତ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ କଖାରୁ ମଞ୍ଜିରେ ।



**ତିସି/ଅଳସି ମଞ୍ଜି (ଫ୍ଲାକ୍ସ ସିଡ୍):**
ଏହି ମଞ୍ଜିରେ ରହିଛି ସ୍ୱାସ୍ଥ୍ୟ ପାଇ ଉପକାରୀ ଫ୍ୟାଟ୍ । ଅର୍ଥାତ୍ ପ୍ରଚୁର ମାତ୍ରାରେ ଓମେଗା ୩ଫ୍ୟାଟି ଏସିଡ୍ ଥାଏ ଏହି ମଞ୍ଜିରେ । ଏହା ବ୍ୟତୀତ ଏହି ମଞ୍ଜି ହୃଦରୋଗ, ମଧୁମେହ, ଷ୍ଟ୍ରୋକ୍ ଏମିତିକି କ୍ୟାନସର ନିୟନ୍ତ୍ରଣ କ୍ଷେତ୍ରରେ ବି ଉପକାରୀ ବୋଲି ନ୍ୟୁଟ୍ରିସନିଷ୍ଟମାନେ କହୁଛନ୍ତି । ତେଣୁ ଫ୍ଲାକ୍ସ ସିଡ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏହି ମଞ୍ଜି ଭାଜି କରି ଖାଇପାରିବେ । ଗୁଣ୍ଡ କରି ଡାଲି କିମ୍ବା ସୁପରେ ମିଶାଇ ଖାଇପାରିବେ । ଅଥବା ଭାଜି ସାଲାଡ ଡ୍ରେସିଂ ଭାବରେ ବି ଶାଇପାରିବେ ।



**ଅମୃତଭଣ୍ଡା:**
ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ ପରିବା । କିନ୍ତୁ ଜାଣନ୍ତି କି ଏହାର ମଞ୍ଜିକୁ ବିଦେଶରେ ଏବେ 'ସୁପରଫୁଡ୍' ବୋଲି କୁହାଯାଉଛି । ଏହା ମଧ୍ୟରେ ଥିବା ପୌଷ୍ଟିକ ଉ ପାଦାନଗୁଡ଼ିକ ଲିଭର ସିରୋସିସ୍ ନିରାମୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ କିଡନି ସୁସ୍ଥ ରଖିବା କ୍ଷେତ୍ରରେ ଏହି ମଞ୍ଜିର ଭୂମିକା ଅଛି । ଆର୍ଥଲାଇଟିସ୍ ଏବଂ ଜଏଣ୍ଟ ସୁସ୍ଥ ରଖିବା କ୍ଷେତ୍ରରେ ଏହି ମଞ୍ଜିର ଭୂମିକା ଅଛି । ଆର୍ଥରାଇଟିସ୍ ଏବଂ ଜଏଣ୍ଟ ପେନ ଭଲ କରିବା କ୍ଷେତ୍ରରେ ମଧ ଅଭୃତଭଣ୍ଡା ମଞ୍ଜି ଲାଭଜନକ । ଏହା ମଧ୍ୟରେ ଥିବା କରପାଇନ କ୍ଷାର ଆମର ଜୀବାଣୁଗୁଡ଼ିକୁ ଧ୍ୱଂସ କରିପାରେ ।

ଫଳ ଓ ପନିପରିବା ପୁଷ୍ଟି ଯୋଗାଇଥାଆନ୍ତି । ଜାଣନ୍ତି କି ଫଳ ଓ ପରିବା ଭଳି କେତେକ ମଞ୍ଜିରେ ବି ରହିଛି କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ ଭଳି ପୌଷ୍ଟିକ ଉପାଦାନ ! କେବଳ ଏତିକି ନୁହେଁ, ଆହୁରି ଅନେକ ଗୁଣ ରହିଛି ସେସବୁ ମଞ୍ଜିରେ । ତେଣୁ ସେଗୁଡ଼ିକୁ ଅଦରକାରୀ ବୋଲି ଫିଙ୍ଗନ୍ତୁ ନାହିଁ ।



**ଚିଆ ମଞ୍ଜି:**
ଚିଆ ମଞ୍ଜିରେ ପ୍ରଚୁର ମାତ୍ରାରେ ଓମେଗା ୩ଫ୍ୟାଟ୍ ରହିଛି । ଏହା ବ୍ୟତୀତ ଆଇରନ ଏବଂ କ୍ୟାଲସିୟମରେ ଭରପୂର ଏହି ମଞ୍ଜି । ଏହା ଖାଇବାର ପଦ୍ଧତି ଟିକେ ଭିନ୍ନ । ରାତି ସାରା ଏହି ମଞ୍ଜିକୁ ପାଣିରେ ବତୁରାଇ ରଖନ୍ତୁ । ପରଦିନ ସକାଳେ ଏହାକୁ ଖାଆନ୍ତୁ ।

## ଉଠ୍ ବସ ହେବା ଉପକାରୀ



ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ । ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

## ଚକୋଲେଟ୍ ଉତ୍ସବ





କେବଳ ବିଭିନ୍ନ କିସମର ଓ ସୁଆଦର ଚକୋଲେୟ୍ ପାଇଁ ବେଲଜିୟମ ଆଜି ବିଶ୍ୱସ୍ତରରେ ଲୋକପ୍ରିୟ ପ୍ରତିବର୍ଷ ପରି ଚଳିତଥର ମଧ ସେଠାରେ ଚକୋଲେଟ୍ ଉତ୍ସବ ପାଳିତ ହେଉଛି । କୋଟି କୋଟି ଟଙ୍କା ଏଥିରେ ବ୍ୟୟ ହୋଇଥିବାବେଳେ ପର୍ଯ୍ୟଟକ ରୀତିମତ ଏଠାରେ ଭିଡ଼ ବଢ଼ାଇବାର ଆଶା କରାଯାଉଛି । ଜୁନ ପ୍ରଥମ ସପ୍ତାହରେ ଏଇ ଉତ୍ସବ ୧ ସପ୍ତାହ ବ୍ୟପୀ ପାଳିତ ହେଉଥିବା ଏଇ ଉତ୍ସବରେ ଚକୋଲେଟ୍ ଘର, ଗାଡ଼ି, ବିମାନ ସବୁକିଛି ନିର୍ମାଣ କରାଯିବ ବୋଲି ସ୍ପଷ୍ଟ ହୋଇଛି । ବେଲଜିୟମ ଉତ୍ସବର ମୁଖ୍ୟ ଆକର୍ଷଣ ହେଉଛି ଚକୋଲେଟ୍ ନିର୍ମିତ ଜୀବଜନ୍ତୁ । ଚକୋଲେଟରେ ମୋଟ୍ ୫୦ଟି ପ୍ରତିମୂର୍ତ୍ତି ତିଆରି କରାଯାଇଥିବାବେଳେ ଗରିଲା, ହାତୀ ଓ ସିଂହର ଚକୋଲେଟ୍ ମୂର୍ତ୍ତି ଦର୍ଶକଙ୍କୁ ସବୁଠୁ ଅଧିକ ଆକୃଷ୍ଟ କରୁଛି । ଚକୋଲେଟ୍ ହ୍ରଦ ମଧ ଏଥରକର ଅନ୍ୟତମ ମୁଖ୍ୟ ଆକର୍ଷଣ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୪୦ ଜଣ ଚକୋଲେଟ୍ କାରିଗର ଦେଢ଼ ମାସ ହେଲାଣି ଏହି ଉତ୍ସବର ପ୍ରାକ୍ ପ୍ରସ୍ତୁତି କାମରେ ବ୍ୟସ୍ତ ଥିଲେ ।



## କେଶ ମେହେନ୍ଦୀ କରୁଥିଲେ...

କେଶରେ ରାସାୟନିକ ରଙ୍ଗ ଲଗାଇବା ପରିବର୍ତ୍ତେ ମେହେନ୍ଦୀ ଲଗାଇବା ଭଲ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞ ଶେହନାଜ୍ ହୁସେନ୍ ପ୍ରକାଶ କରିଛନ୍ତି । ମାସକୁ ଅତିକମରେ ୨ଥର କେଶରେ ମେହେନ୍ଦୀ କରିବା ଉତ୍ତମ ପ୍ରଭାବ ପକାଇଥାଏ।



♦ କଫି ଫୁଟା ପାଣିରେ ମେହେନ୍ଦୀ ଗୁଣ୍ଡକୁ ରାତିରୁ ମିଶାଇ ପେଷ୍ଟ କରି ରଖିଲେ ତାହା କେଶକୁ ଭଲ ରଙ୍ଗ ଦେଇଥାଏ । ଅଧ କପ୍ ପାଣିକୁ ଭଲରେ ଫୁଟାଇ ସେଥିରେ ୨ ଛୋଟ ଚାମଚ କଫି ପାଉଡର ମିଶାନ୍ତୁ । ସେହି କଫି ପାଣି ଥଣ୍ଡା ହେବା ପରେ ସେଥିରେ ମେହେନ୍ଦୀ ଗୁଣ୍ଡ ମିଶାଇ କେଶରେ ଲଗାଇ ୨-୩ ଘଣ୍ଟା ପରେ ଧୋଇନେବେ ।

♦ ଅଣ୍ଡା କେଶକୁ ଶକ୍ତି ଦେଇଥାଏ, ଏଣୁ ଏହାକୁ କେଶ ନିମନ୍ତେ ଏକ ଉତ୍ତମ ଖାଦ୍ୟ ବୋଲି କୁହାଯାଏ । ଅଣ୍ଡାରେ ଥିବା ପ୍ରୋଟିନ୍, ସିଲିକନ୍, ସଲଫର, ଭିଟାମିନ୍ ଡି ଓ ଇ, କେଶକୁ ପୋଷଣ ଦେବା ସହ ମୁଲାୟମ ରଖେ । ରୁକ୍ଷ କେଶ ନିମନ୍ତେ ଅର୍ଡାର ପ୍ରଭାବ ଭଲ ରହିଥାଏ । ଏଣୁ ମେହେନ୍ଦୀ ପ୍ୟାକରେ ଗୋଟିଏ ଅଣ୍ଡା ମଧ ମିଶାଇପାରିବେ ।

♦ ଚା' ପତିରେ ଥିବା ଟାନିନ୍ ନାମକ ତତ୍ତ୍ୱ କେଶକୁ ମୁଲାୟମ୍ ରଖିବା ସହ ଘନତ୍ୱ ବଢ଼ାଏ । ଏଣୁ ମେହେନ୍ଦୀ କରିବା ପୂର୍ବରୁ ଚା' ପତି ଫୁଟା ପାଣିରେ ମେହେନ୍ଦୀ ମିଶାଇ ରାତିରୁ ରଖନ୍ତୁ । ତହିଁ ଆରଦିନ କେଶରେ ଲଗାଇ ପରେ ଧୋଇବେ। ଚା' ପତି କେଶକୁ କୋମଳ ରଖେ, ଏହା ପ୍ରୟୋଗ ପରେ ଜାଣିପାରିବେ ।

♦ ଲେମ୍ବୁ, ରସ କେଶମୂଳକୁ ରୁପିରୁ ରକ୍ଷା କରେ । ଏଣୁ କେଶମୂଳରୁ ବିଭିନ୍ନ ସଂକ୍ରମଣରୁ ରକ୍ଷା ନିମନ୍ତେ ମେହେନ୍ଦୀର ପ୍ରୟୋଗ ଖୁବ୍ ଲାଭକାରୀ ।

## ମୃତ ସାଗର



ସମସ୍ତେ ସମୁଦ୍ରରେ ପହଁରି ମଜା ନେବାକୁ ପନସନ୍ଦ କରିଥାନ୍ତି । ଯେଉଁମାନେ ପହଁରିବା ଜାଣି ନାହାନ୍ତି ସେମାନେ ମଧ ଲାଇଫ୍ କ୍ୟାକେଟର ସାହାଯ୍ୟରେ ଏହାର ମଜା ନେଇଥାନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ସମୁଦ୍ର ବିଷୟରେ କହିବୁ ଯେଉଁଠି ବିନା ଲାଇଫ କ୍ୟାକେଟରେ ମଧ ଏହାର ମଜା ଉଠାଇ ପାରିବେ । ଜର୍ଡାନ୍ ଓ ଇସ୍ରାଏଲ ମଧ୍ୟରେ ଏକ ପ୍ରସିଦ୍ଧ ସମୁଦ୍ର ରହିଛି, ଯାହାକୁ 'ଡେଡ୍ ସି' ବା 'ସଲ୍ଟ ସି' କୁହାଯାଏ । ଏହି ସମୁଦ୍ରରେ ଲୁଣର ମାତ୍ରା ବହୁତ ଅଧିକ । ଏହାର ପାଣି ଏତେ କ୍ଷାରୀୟ ଯେ, ଏଥିରେ କୌଣସି ଗଛ କିମ୍ବା ଜୀବ ନାହାନ୍ତି । ଏହି କାରଣରୁ ଲୋକେ ମାନେ ସମୁଦ୍ରର ପାଣିରେ ପହଁରିବାକୁ ପସନ୍ଦ କରନ୍ତି । ଏହି ସମୁଦ୍ରକୁ ସବୁଠାରୁ ଗଭୀର କ୍ଷାରୀୟ ପାଣିରେ ହ୍ରଦ ବୋଲି ମଧ କୁହାଯାଏ । ଏହି ପାଣିରେ ମନେରାଲର ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ବହୁତ ଲାଭଦାକ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଡେଡ୍ ସି ରେ ଗାଧୋଇବା ଦ୍ୱାରା ସବୁ ରୋଗ ଦୂର ହୋଇଯାଏ ଏଥିପାଇଁ ଏହି ସମୁଦ୍ରକୁ ଅନେକ ଲୋକ ବିଶ୍ୱାସ କରନ୍ତି ।

## ଖବରକାଗଜରୁ ଆକର୍ଷଣୀୟ କଳାକୃତି




ରଦି ଖବରକାଗଜ ବିକ୍ରି ବେଳେ ତାଙ୍କ ମନକୁ ଏକ ଭାବନା ଆସିଥିଲା । ସେ ଭାବିଥିଲେ ଯଦି ଏହି ଖବର କାଗଜକୁ ବିକ୍ରି ନ କରି ଆଉ କିଛି ସୃଜନକାଗଜକୁ ବ୍ରିକି ନକରି ଆଉ କିଛି ସୃଜନଶୀଳ କାମରେ ଲଗାଯାଏ । କେମିତି ହୁଅନ୍ତା ? ମନକୁ ଏହି ଭାବନା ଆସିବା ପରେ ଆଉ ଖବର କାଗଜ ବିକ୍ରି କରିନଥିଲେ । ବରଂ ସେଥିରୁ ଛୋଟ ମୋଟ ଜିନିଷ ତିଆରି କରିବା ଆରମ୍ଭ କରିଥିଲେ ନାସିକର ଏହି ଗୃହିଣୀ ମୀନା ପଟନାକର । ମୀନାଙ୍କ ଅନୁସାରେ ତାଙ୍କ ଘରେ ପିଲାମବେଳେ ତିନୋଟି ଖବରକାଗଜ ରରହୁଥିଲା । ବେଶ କିଛି ମାସ ପରେ ସେଗୁଡ଼ିକୁ ବିକ୍ରି କରିଦେଉଥିଲେ ତାଙ୍କ ବାପା । ସେହି ଖବରକାଗଜରେ ଠୁଙ୍ଗା ତିଆରି ହେଉଥିବା ବିଷୟରେ ସେ ଜାଣିବାକୁ ପାଇଥିଲେ । ହେଲେ ସେତେବେଳେ ତାଙ୍କ ମନରେ ଖବରକାଗଜରୁ କିଛି ସୌଖୀନ ଜିନିଷ ତିଆରି କରିବାର ଭାବନା ଆସିନଥିଲା । ମୀନାଙ୍କ ପିଲାମାନେ ବଡ଼ ହେବା ପରେ ତାଙ୍କୁ ଏକୁଟିଆ ଘରେ ବସି ବସି ବିରକ୍ତ ଲାଗୁଥିଲା । ଦିନେ ଘରର ଅଦରକାରୀ ଖବରକାଗଜ ବିକ୍ରି କଲାବେଳେ ସେ ଭାବିଲେ ଏହି ଖବରକାଗଜରୁ ଯଦି ଠୁଙ୍ଗା, ପେପର ବ୍ୟାଗ ଆଦି ପ୍ରସ୍ତୁତ ହୋଇପାରୁଛି । ତେବେ ସେ କାହିଁକି ନିଜ ଅବସର ସମୟରେ ଖବରକାଗଜରୁ ଅନ୍ୟ କିଛି ସୁନ୍ଦର ଜିନିଷ ତିଆରି ନ କରିବେ । କିନ୍ତୁ କିପରି କରିବେ ବିଷୟରେ ତାଙ୍କୁ ଜଣାନଥିଲା । ଦିନେ ସେ ଫେସବୁକ୍ ପେଜ୍ ଚେକ୍ କଲାବେଳେ ଗୋଟିଏ ଭିଡିଓ ଉପରେ ତାଙ୍କର ନଜର ପଡ଼ିଲା । ସେହି ଭିଡିଓରେ ଖବରକାଗଜରୁ ବିଭିନ୍ନ ପ୍ରକାରର ସୁନ୍ଦର କଳାକୃତି ତିଆରି ହୋଇପାରୁଥିବା ବିଷୟରେ ଦେଖାଉଥିଲା । ଏହି ଭିଡିଓ ମାନଙ୍କୁ ପ୍ରେରଣା ଯୋଗାଇଥିଲା । ଏହାପରେ ମୀନା ଇଣ୍ଟରନେଟର ସହାୟତା ନେଇ ଖବର କାଗଜରୁ ଛୋଟ ଛୋଟ କ୍ରାଫ୍ଟ ତିଆରି କଲେ । କିନ୍ତୁ ସେସବୁ କଲା ପରେ ତାଙ୍କୁ ପସନ୍ଦ ଆସୁନଥିଲା । ଏହାପରେ ସେ ନିଜେ ମନକୁ ମନ ନୁଆ ନୁଆ ଉପାୟରେ ପେପର କ୍ରାଫ୍ଟ ତିଆରି କରିବାକୁ ଲାଗିଲେ । ଆଉ ତାଙ୍କୁ ଏହି କାମରେ ସଫଳତା ବି ମିଳିଗଲା । ଏବେ ମୀନା ପୁରୁଣା ଖବର କାଗଜରୁ ଅନେକ ସୁନ୍ଦର ସୁନ୍ଦର କଣ୍ଡେଇ, ଘରସଜା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।




ଖବରକାଗଜରୁ ପ୍ରସ୍ତୁତ ଶୋ ପିସ୍, କଣ୍ଡେଇ, ମୁଖା ଆଦି ପାଇ ସମଗ୍ର ନାସିକରେ ତାଙ୍କ ଏକ ପରିଚୟ ସୃଷ୍ଟି ହୋଇପାରିଛି । ଏହା ମଧ୍ୟରେ ୫ବର୍ଷରୁ ଅଧିକ ସମୟ ବିତିଗଲାଣି । ଲୋକମାନେ ଏବେ ନିଜ




ମନପସନ୍ଦର ଖବରକାଗଜ କଣ୍ଡେଇ ପାଇଁ ତାଙ୍କୁ ବରାଦ ଦେଉଛନ୍ତି । ତେବେ ମୀନାଙ୍କ ଅନୁସାରେ ସେ କରୁଥିବା ପେପର୍ କ୍ରାଫ୍ଟ ସୁନ୍ଦର ହୋଇଥିଲେ ମଧ ଅସାବଧାନ ହେଲେ ତାହା ଭାଙ୍ଗିଯିବ । କାରଣ ସେ କାଗଜ ମଣ୍ଡ ନୁହେଁ, ବରଂ ପେପର ଟ୍ୟୁବ୍ ତିଆରି କଳାକୃତି ତିଅରାରି କରନ୍ତି । ତାଙ୍କ କଳାକୃତି ଅତି ସୂକ୍ଷ୍ମ ହୋଇଥିବାରୁ ଧୂଳି ଜମିଯିବାର ଭୟ ଅଛି । ତେଣୁ ନିୟମିତ ସମୟ ବ୍ୟବଧାନରେ ଏହି କଳାକୃତି ଗୁଡ଼ିକରୁ ଧୂଳି ସଫା କରିବା ଦରକାର । କେବଳ ପେପର କ୍ରାଫ୍ଟ ନୁହେଁ, ମୀନା ଗୋଣ୍ଡ ଏବଂ ୱର୍ଲି ଚିତ୍ରକଳାରେ ମଧ ବେଶ୍ ପାରଙ୍ଗମ । ମୀନାଙ୍କଠାରୁ ପ୍ରେରଣା ପାଇ ତାଙ୍କର ଦୁଇ ଝିଅ ମଧ ଡିଜାଇନ କ୍ଷେତ୍ରକୁ କ୍ୟାରିଅର ଭାବେ ବାଛି ନେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ମାର୍ଚ୍ଚ ୨୦୨୧, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ସୀମାନ୍ତରେ ଅସ୍ତ୍ରବିରତି...

ନିକଟରେ ଅନୁଷ୍ଠିତ ଭାରତ-ପାକିସ୍ତାନ ଡିଜିଏମ୍‌ଓ (ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେସନ୍ସ) ସ୍ତରୀୟ ଆଲୋଚନା ପରେ ଉଭୟ ଦେଶ ପକ୍ଷରୁ ଜାରି ମିଳିତ ବିବୃତିରେ ଅସ୍ତ୍ରବିରତି ଚୁକ୍ତିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସହମତ ପ୍ରକାଶ ପାଇଛି । ଚୀନ ଓ ଭାରତ ମଧ୍ୟରେ ଏଲଏସିରେ ଉତ୍ତେଜନା ହ୍ରାସ ଲାଗି ହୋଇଥିବା ସହମତ ରାଜିନାମା ପରେ ଏଭଳି ମିଳିତ ଘୋଷଣା ଉଭୟ ରାଷ୍ଟ୍ରର ସୀମାନ୍ତବର୍ତ୍ତୀ ଅଂଚଳରେ ବସବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ଅବଶ୍ୟ ଆଶ୍ୱସ୍ତ କରିବ । କିନ୍ତୁ ନିୟନ୍ତ୍ରଣ ରେଖା (ଏଲଓସି) ଅବା ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ଅତୀତରେ ଯେଉଁଭଳି ଉତ୍ତେଜନାତ୍ମକ ସ୍ଥିତିରେ ରହିଆସିଛି ଓ ଏହାର ରକ୍ତାକ୍ତ ନଜିର ରହିଛି, ସେପରିସ୍ଥଳେ ଭାରତ ପାକିସ୍ତାନ ହଠାତ୍ ଏପରି ଶାନ୍ତିପୂର୍ଣ୍ଣ ସହାବସ୍ଥା ଦିଗରେ ଅଗ୍ରସର ହେବା ବାସ୍ତବିକ ବିସ୍ମୟକର । ଇତିହାସ ଆଡ଼କୁ ଦୃଷ୍ଟି ପକାଇଲେ ଜଣାଯିବ ଯେ, ୨୦୦୩ ମସିହାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ସୁଦ୍ଧା ଏହାକୁ ପାକିସ୍ତାନ ସଦାବେଳେ ଉଲ୍ଲଙ୍ଘନ କରିଆସୁଛି ବୋଲି ଭାରତ ଅଭିଯୋଗ କରେ । ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍‌ଡୀ ଲୋକସଭାରେ ଦେଇଥିବା ତଥ୍ୟ ସୂଚନା ଅନୁସାରେ, ଗତ ତିନିବର୍ଷ ମଧ୍ୟରେ ପାକିସ୍ତାନୀ ସେନା ୧୦ ହଜାର ୭୫୨ଥର ଯୁଦ୍ଧବିରତି ଉଲ୍ଲଙ୍ଘନ କରିଛନ୍ତି । ଯୁଦ୍ଧବିରତି ଉଲ୍ଲଙ୍ଘନର ଅର୍ଥ-ସୀମା ଆରପଟୁ ଅଚାନକ ଗୁଳିଗୋଳା ବର୍ଷଣ, ଯାହାଫଳରେ ଗତ ତିନିବର୍ଷ ମଧ୍ୟରେ ୭୨ଜଣ ସୁରକ୍ଷା କର୍ମୀ ସହିଦ୍ ହୋଇଥିବାବେଳେ ୭୦ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏହାର ପାଲଟା ଜବାବ ଯେ ଭାରତ ଦେଇନାହିଁ, ତାହା ନୁହେଁ । କିନ୍ତୁ ନିୟନ୍ତ୍ରଣ ରେଖା ତଥା ବାସ୍ତବ ନିୟନ୍ତ୍ରଣ ରେଖାରେ ସାମରିକ ଉତ୍ତେଜନା ଲାଗିରହିଥିବା ଏହା ଦର୍ଶାଏ । ପାକିସ୍ତାନ ସଦାବେଳେ ଏଲଓସିରେ ଅତର୍କିତ ଗୁଳିଗୋଳା ବର୍ଷଣ ଜରିଆରେ ଭାରତ ଭିତରକୁ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାକୁ ପ୍ରୟାସ କରିଆସୁଛି । ସେମାନେ ପାକିସ୍ତାନୀ ସେନାଙ୍କ ହାତରେ ଏବେ ଭାରତ ବିରୁଦ୍ଧରେ ସବୁଠାରୁ ବଡ଼ ଅସ୍ତ୍ର ପାଲଟିଛନ୍ତି । ସେହି ଆତଙ୍କବାଦୀମାନେ ପଠାନକୋଟ, ଉରି, ପୁଲଓ୍ୱାମା ଆଦି ସ୍ଥାନରେ ବୀଭତ୍ସ କାଣ୍ଡ ଘଟାଇବା ପରେ ଭାରତ ତାର ଠିକଣା ଜବାବ ଦେଇଛି ଓ ଦୁଇଦେଶ ମଧ୍ୟରେ କୂଟନୈତିକ ସ୍ତରରେ କଥାବାର୍ତ୍ତା ଓ ସଂପର୍କ ସର୍ବନିମ୍ନ ସ୍ତରରେ ପହଂଚିଛି । ଏବେ ଡିଜିଏମଓ ସ୍ତରୀୟ ଏପରି ଘୋଷଣାନାମାରେ ନିଷ୍ଠା ଓ ପ୍ରତିବଦ୍ଧତା ପ୍ରଦର୍ଶନ ନିମନ୍ତେ କରାଯାଇଥିବା ପ୍ରୟାସ କେତେଦୂର ବାସ୍ତବଧର୍ମୀ ତାହା ବିଚାର୍ଯ୍ୟ । ପୁଣି ଏହା ପଛରେ ଦୁଇ ଦେଶର ରାଜନୈତିକ ଇଚ୍ଛାଶକ୍ତିର ମୋହର କେତେ ରହିଛି ତାହା ଚିନ୍ତାର ବିଷୟ । ଏକଥା କାହାକୁ ଅଛପା ନୁହେଁ ଯେ, ପ୍ରଥମେ ପ୍ରତିବେଶୀ ନୀତି ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେବେଳେ ଇସଲାମାବାଦ ଆଡ଼କୁ ବନ୍ଧୁତାର ହାତ ବଢ଼ାଇଥିଲେ । ସେ ଦେଶ ସରକାର ତାହାକୁ ଆତଙ୍କବାଦୀ କାଣ୍ଡ ମାଧ୍ୟମରେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ସୂଚିତ କରେ ଯେ, ସେ ଦେଶର ପ୍ରଧାନମନ୍ତ୍ରୀ ଅବା ରାଷ୍ଟ୍ରପତି ନୁହଁନ୍ତି, ସେନା ବାହିନୀର ମର୍ଜି ଅନୁସାରେ ହିଁ ଭାରତ ସହ ବନ୍ଧୁତା ଅବା ଶତ୍ରୁତାର ସଂପର୍କ ରକ୍ଷା କରାଯାଇଥାଏ । ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ନିରବତା ଓ ଅସହାୟତା ଏହାର ସଂକେତ ଦିଏ । ଭାରତ ନିଜ ଜିଦ୍‌ରେ ଅଟଳ ରହିଆସିଛି ଯେ, ଭାରତ ବିରୋଧୀ ଆତଙ୍କବାଦୀ ତତ୍ତ୍ୱ ଓ ଗୋଷ୍ଠୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ଆଲୋଚନା କରାଯିବ ନାହିଁ । ଏବେ ଏଫଏଟିଏଫ କଳା ତାଲିକାଠାରୁ ନେଇ ଆର୍ଥିକ ସଂକଟ ଓ କରୋନା ମହାମାରୀରେ ଉବୁଟୁବୁ ପାକିସ୍ତାନ ଭାରତ ଆଡ଼କୁ ବନ୍ଧୁ ପ୍ରତିବେଶୀ ଭାବେ ସହାବସ୍ଥାନର ପ୍ରତିଶ୍ରୁତି ଦେଉଛି । ହୁଏତ ତାହା ତାର ମୁହଁରେ ହରି, ଅଂଟିରେ ଛୁରି ଆଚରଣର ଆଉ ଏକ ନମୁନା ହୋଇପାରେ । ପ୍ରଥମେ ପାକିସ୍ତାନ ଏଲଓସିରେ ତା'ର ସଂଯମ ରକ୍ଷାର ପ୍ରମାଣ ଦେଇସାରିବା ପରେ ନିଜର ପୋଷ୍ୟ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ । ସେଥିରେ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ପାକିସ୍ତାନ ଆଡ଼କୁ ସହଯୋଗର ହାତ ବଢ଼ାଇବାକୁ ଆଗେଇ ଆସିବେ ।

# ସରକାର ଭଙ୍ଗା ଅଭିଯାନରେ ଚୀନ

ସୌମେନ୍ଦ୍ର ଜେନା

ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାର ଏବେ ଭାରତର ଚ୍ଛରିପାଖରେ ଘେରିଥିବା ଛୋଟଛୋଟ ଦେଶର ନିର୍ବାଚିତ ସରକାରଗୁଡ଼ିକୁ ଷଡଯନ୍ତ୍ର କରି ଭାଙ୍ଗିବାରେ ଲାଗିପଡ଼ିଛି । ଗଣତାନ୍ତ୍ରିକ ସରକାର ଏକଛତ୍ରବାଦୀ ବାମପନ୍ଥୀ ସରକାରଙ୍କ ପାଇଁ ବିପଦ ହୋଇଥିବାରୁ ଚୀନ ସରକାର ପ୍ରଥମେ ନେପାଳ, ପରେ ମ୍ୟାନମାର ଏବଂ ଏବେ ଭୁଟାନର ସରକାରଙ୍କୁ ଭାଙ୍ଗିବା ଯୋଜନା କରିଥିବା ଅଭିଯୋଗ ଉଠିଛି । ନେପାଳକୁ ଭାରତ ବିରୋଧରେ ଲଗାଇବାକୁ ଯାଇ କେତେକ ସୀମା ଅଞ୍ଚଳବର୍ତ୍ତୀ ସ୍ଥାନକୁ ନିଜର ବୋଲି କହିବାକୁ ଚୀନର ଷଡଯନ୍ତ୍ରରେ ନେପାଳୀ ପ୍ରଧାନମନ୍ତ୍ରୀ କେପିଶର୍ମା ଓଲି ରାଜି ହୋଇଥିଲେ । ନେପାଳର ସଂସଦରେ ଏହାକୁ ନେଇ ସ୍ୱତନ୍ତ୍ର ମାନଚିତ୍ର ପ୍ରକାଶ ପାଇଲା । କିନ୍ତୁ ନେପାଳରେ ଚ୍ଛଳିଥିବା ରାଜନୀତିକ ସଙ୍କଟରୁ ଲାଭ ଉଠାଇବା ଉଦ୍ଦେଶ୍ୟରେ ପ୍ରଥମେ ଚୀନ ଓଲିଙ୍କୁ ମୋହରା କରିଥିଲା । ଓଲିଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସାଧାରଣ ଲୋକେ ଓଲିଙ୍କୁ ଚୀନର ଦଲାଲ ଭାବେ ଚିତ୍ରଣ କରିବା ପରେ ଚୀନ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିବାକୁ ଏକ ବଡ ଗୋଷ୍ଠୀକୁ କାଠମାଣ୍ଡୁକୁ ପଠାଇଥିଲେ । ନେପାଳର କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ଓଲିଙ୍କୁ ବିରୋଧ କରୁଥିବା ପ୍ରଚଣ୍ଡଙ୍କ ସହ ଚୀନ ପ୍ରତିନିଧିମଣ୍ଡଳୀ ଆଲୋଚନା କରି କ୍ଷମତା ଛାଡିଦେବାଲାଗି ଓଲିଙ୍କ ଉପରେ ଚ୍ଛପ ପ୍ରୟୋଗ କଲେ ମଧ୍ୟ କୌଣସି ଲାଭ ହେଲାନାହିଁ । ତେଣୁ ନେପାଳର ରାଜନୀତିକ ପରିସ୍ଥିତିକୁ ଅଶାନ୍ତ ଏବଂ ଅସ୍ଥିର କରିବା ପାଇଁ ଚୀନ ଯେଉଁ ଗୋଟି ଚ୍ଛଳନା କଲା ଓଲି ତାର ସହଜ ଶିକାର ହୋଇ ସରକାରକୁ ନିଜ ଆଡୁ ଭାଙ୍ଗି ଦେଇ ଆଗୁଆ ନିର୍ବାଚନ ତାରିଖ ଘୋଷଣା କରିଦେଲେ । ଲୋକଙ୍କ ମନରେ ସରକାରଙ୍କ ପ୍ରତି ଆକ୍ରୋଶଭାବ ବୃଦ୍ଧି କରିବାକୁ ସୀମାନ୍ତ ବ୍ୟବସାୟକୁ ଚୀନ କର୍ତ୍ତୃପକ୍ଷ ବନ୍ଦ କରିଦେଲେ । ନେପାଳରେ ଚୀନର ରାଷ୍ଟ୍ରଦୂତ ସରକାରଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ଲାଗି କେବେ ଓଲିଙ୍କୁ, ପୁଣି କେବେ ପ୍ରଚଣ୍ଡଙ୍କୁ ନିଜ ଜାଲରେ ପକାଇବା ଲାଗି ଉଦ୍ୟମ କରି ବିଫଳ ହେବା ପରେ ଚୀନରୁ ଏକ ବଡ ଦଳ ନେପାଳକୁ ଜୟ କରିବାକୁ ଆସି ବିଫଳ ହୋଇଥିଲେ । ଓଲିଙ୍କ ବିରୋଧରେ ଜନମତ ସୃଷ୍ଟି ହେବା ଦେଖି ସେ ପ୍ରଚଣ୍ଡଙ୍କୁ କ୍ଷମତା ହସ୍ତାନ୍ତର ନକରି ନିର୍ବାଚନ ଲାଗି ଘୋଷଣା କରିଦେଲେ । ଏହି ଘୋଷଣା ପଛରେ ଚୀନ ସରକାରଙ୍କ ଷଡଯନ୍ତ୍ର ରହିଥିବା ନେଇ ନେପାଳର ଗଣମାଧ୍ୟମ ଏବଂ ଲୋକେ ଆଶଙ୍କା ପ୍ରକାଶ କରୁଛନ୍ତି । ସେମାନଙ୍କ କହିବା କଥା ହେଲା ଭାରତ ବିରୋଧରେ ଓଲି ବିଷୋଦଗାର କରି ମାନଚିତ୍ର ପ୍ରକାଶ କରିବା ସ୍ତରକୁ ଚ୍ଛଲିଗଲେ ଅଥଚ ନେପାଳର ଯେଉଁ ଅଞ୍ଚଳକୁ ଚୀନ ଦଖଲ କରି ସେନାଙ୍କ ପାଇଁ ଗୃହ ନିର୍ମାଣ କରିଛି ସେ ନେଇ କିଛି ପ୍ରକାଶ କରୁନାହାନ୍ତି କାହିଁକି ? ଲୋକଙ୍କ ମନରେ ଅନ୍ୟ ଏକ ଭୟ ରହିଛି ଯେ ପ୍ରଚଣ୍ଡ ଅଧିକ ଚୀନା ଭକ୍ତ ହୋଇଥିବାରୁ ଆଗାମୀ ଦିନରେ ନେପାଳର କ୍ଷମତା ଖେଳରେ ଚୀନର ହସ୍ତକ୍ଷେପ ରହିବ । କିନ୍ତୁ ସୁପ୍ରିମକୋର୍ଟ ଓଲିଙ୍କ ନିଷ୍ପତ୍ତିକୁ ଖାରଜ କରି ସଂସଦକୁ କାର୍ଯ୍ୟକାରୀ କରିଛନ୍ତି ।

ନିଜର ଆର୍ଥିକ ସ୍ୱାର୍ଥକୁ ପୂରଣ କରିବାଲାଗି ଚୀନ ସରକାର ମାଳଦ୍ୱୀପରେ ଏକଛତ୍ରବାଦୀ ମହମ୍ମଦ ୟାମିନଙ୍କ ସରକାରକୁ ସମର୍ଥନ କରିଥିଲେ । ଗଣତାନ୍ତ୍ରିକ ବିଧି ଓ ବ୍ୟବସ୍ଥାକୁ ବିରୋଧ କରିବା ସହ ଭାରତ ସହ ଶତ୍ରୁତାଭାବ ପ୍ରଦର୍ଶନ କରିବାକୁ ସେ ଓଲିଙ୍କ ପରି କାର୍ଯ୍ୟ କରିଥିଲେ । କିନ୍ତୁ ଓଲିଙ୍କୁ ନେପାଳର ଲୋକେ ସମାଲୋଚନା କଲାପରି ମାଳଦ୍ୱୀପରେ ୟାମିନଙ୍କୁ ଲୋକେ ପରବର୍ତ୍ତୀ ସମୟରେ ନିର୍ବାଚନରେ କ୍ଷମତାଚ୍ୟୁତ କରିଥିଲେ । ଦଶନ୍ଧି ଦଶନ୍ଧି ଧରି ମାଳଦ୍ୱୀପ ସହ ସଂପର୍କ ରଖି ନଥିବା ଚୀନ ଅଳ୍ପ କେଇ ବର୍ଷରେ ୟାମିନଙ୍କ ସରକାରକୁ କିଣି ନେଇଥିଲା । ସେ ଅନେକଗୁଡ଼ିଏ ନିଷ୍ପତ୍ତି ଦେଶର ସମ୍ବିଧାନ ବିରୋଧରେ ଯାଇ ନେଇଥିଲେ । ଏପରିକି ଦେଶର ଦ୍ୱୀପକୁ ଚୀନ ହାତରେ ବହୁବର୍ଷ ପାଇଁ ଟେକି ଦେଇଥିଲେ ଶ୍ରୀଲଙ୍କାର ମହିନ୍ଦା ରାଜପାକ୍ଷେ ହମ୍ବନତୋଟା ବନ୍ଦର ୯୯ ବର୍ଷ ପାଇଁ ଚୀନକୁ ଲିଜ୍ ଦେବାପରି । ଏବେ ଠିକ୍ ସେମିତି ନିଜ ସ୍ୱାର୍ଥର ପୂର୍ତ୍ତି ପାଇଁ ନିକଟରେ ନିର୍ବାଚିତ ସରକାରକୁ ମ୍ୟାନମାରରେ ହଟାଇ ସେଠାରେ ସେନା ସରକାରକୁ କ୍ଷମତାରେ ଆଣିବାକୁ ଚୀନ ହିଁ ଷଡଯନ୍ତ୍ର କରିଥିବା କୁହାଯାଉଛି । ଏହା ପଛରେ ଥିବା କାରଣ ସଂପର୍କରେ କୁହାଯାଉଛି ଯେ ନଭେମ୍ବର ମାସରେ ଅଙ୍ଗ ସାନ୍ ସୁ କୀଙ୍କ ଦଳ ନେସନାଲ ଲିଗ ଫର ଡେମୋକ୍ରେସୀ ଏକତରଫା ବିଜୟ ହାସଲ କରିବାକୁ ସକ୍ଷମ ହୋଇଥିଲା, ଯାହାକୁ ସେନା ସମର୍ଥକମାନେ ଗ୍ରହଣ କରିପାରି ନଥିଲେ । ସୁ କୀଙ୍କ ବିଜୟ ପରେ ସେ ଅଧିକ ଭାରତକୁ ସୁହାଇଲା ଭଳି ପଦକ୍ଷେପ ନେଇପାରନ୍ତି ବୋଲି ଚୀନ ସରକାରଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା ବେଳେ ସେନାମୁଖ୍ୟ ମିନ ଅଙ୍ଗ ହ୍ଲାଇଙ୍ଗଙ୍କ ପାରିବାରିକ ବାଣିଜ୍ୟ ପ୍ରତି ଆହ୍ୱାନ ସୃଷ୍ଟି ହୋଇ ଥିଲା । ନିକଟରେ ସେନାମୁଖ୍ୟ ତାଙ୍କ ପଦବୀରୁ ଅବସର ନେଇଥାନ୍ତେ । କିନ୍ତୁ ତା ପୂର୍ବରୁ ସେ ଆକସ୍ମିକ ଫେବୃଆରୀ ୧ ତାରିଖ ଦିନ ସକାଳେ ସେନା ବିଦ୍ରୋହ ମାଧ୍ୟମରେ ସୁ କୀଙ୍କ ସରକାରଙ୍କୁ ନିର୍ବାଚନରେ ଜାଲିଆତି କରିଥିବା ଅଭିଯୋଗ ଆଣି ହଟାଇବା ସହ ନିଜେ ଶାସନ କ୍ଷମତାକୁ ଦଖଲ କଲେ । ଏହା ପୂର୍ବରୁ ସେ ଚୀନ ବିଦେଶମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ୧୯୮୯ରୁ ୨୦୧୦ ମଧ୍ୟରେ ସୁ-କୀ ପ୍ରାୟ ୧୫ବର୍ଷ କାଳ ଅଟକ ଜୀବନ ବିତାଇଥିଲେ । ୨୦୧୫ରେ ତାଙ୍କ ଦଳ ଏକତରଫା ବିଜୟ ଲାଭ କରିଥିଲା । ତିନି ଦଶନ୍ଧିରେ ସେହି ନିର୍ବାଚନ ଥିଲା ମୁକ୍ତ ନିର୍ବାଚନ । ୨୦୨୦ର ନିର୍ବାଚନ ମଧ ଠିକ୍ ସେମିତି ସଫଳତା ଆଣି ଦେଇଥିଲା ଏବଂ ସେନା ସମର୍ଥିତ ଦଳ ନିର୍ବାଚନରେ ପରାଜିତ ହୋଇଥିଲେ । ହେଲେ ସାଧାରଣ ଲୋକେ ସେନା ଭୂମିକାକୁ ଗ୍ରହଣ କରିନାହାନ୍ତି । କଟକଣା ସତ୍ତ୍ୱେ ସାଧାରଣ ଲୋକେ ସେନାର କାର୍ଯ୍ୟକୁ ବିରୋଧ କରି ରାସ୍ତାକୁ ଓହ୍ଲାଇ ଆସିଛନ୍ତି । ସେନା ଗୁଳିରେ ଅନେକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଥିଲେ ମଧ ପ୍ରତିବାଦ ହ୍ରାସ ପାଇନାହିଁ । ମ୍ୟାନମାର ସେନା ସରକାରଙ୍କୁ ଇଉରୋପିଆନ ୟୁନିଅନ, ଜାତିସଂଘ ଏବଂ ଆମେରିକା ପ୍ରଶାସନ ବିରୋଧ କରିଛନ୍ତି । ଆମେରିକା ମ୍ୟାନମାରର ସେନାଧିକାରୀଙ୍କ ବିରୋଧରେ କଟକଣା ଜାରି କରିଛି । ଏଣେ ମ୍ୟାନମାରର ଆଭ୍ୟନ୍ତରୀଣ ମାମଲାରେ ଅତୀତରୁ ଆଜିଯାଏ ଚୀନର ଭୂମିକା ରହିଆସିଛି । ଗତ କିଛିମାସ ଧରି ଚୀନ ସହ ସୁ କୀଙ୍କ ସଂପର୍କ ଆଦୌ ଭଲ ନଥିଲା । ଚୀନର ହାଇଡ୍ରୋପାଓ୍ୱାର ପ୍ରକଳ୍ପକୁ ମ୍ୟାନମାର ସରକାର ବନ୍ଦ କରିଦେଇଥିଲେ । ଏହାକୁ ନେଇ ଚୀନର ସରକାର କ୍ଷୁବ୍ଧ ଥିଲେ । ସେନା କ୍ଷମତା ଦଖଲ କରିବାପରେ ୬ଫେବୃଆରୀରେ ପ୍ରକଳ୍ପକୁ ଚୀନ ପକ୍ଷରୁ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଛି । ମ୍ୟାନମାରରେ କ୍ଷମତା ପରିବର୍ତ୍ତନରେ ଚୀନର ବିଦେଶ ମନ୍ତ୍ରୀଙ୍କ ଭୂମିକା ସନ୍ଦେହଜନକ ରହିଛି । ଏପରିକି ଜାତିସଂଘରେ ମ୍ୟାନମାର ବିରୋଧରେ ଆସିଥିବା ନିନ୍ଦା ପ୍ରସ୍ତାବକୁ ରୁଷିଆ ଓ ଚୀନ ପକ୍ଷରୁ ବିରୋଧ କରାଯାଇଥିଲା । ଗତବର୍ଷ ଚୀନ ସେନା ପକ୍ଷରୁ ସନ୍ତ୍ରାସବାଦୀଙ୍କ ଉଦ୍ଦେଶ୍ୟରେ ପଠାଯାଉଥିବା ଅସ୍ତ୍ରଶସ୍ତ୍ରକୁ ଥାଇଲାଣ୍ଡରେ ଧରାଯିବା ପରେ ମ୍ୟାନମାର ସରକାରଙ୍କ ଆଭିମୁଖ୍ୟ ଅତି କଠୋର ହୋଇଥିଲା । ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଅସ୍ଥିରତା ସୃଷ୍ଟିପାଇଁ ୧୯୬୨ ପରଠାରୁ ଚୀନପକ୍ଷରୁ ସନ୍ତ୍ରାସବାଦୀଙ୍କୁ ନିରନ୍ତର ଅର୍ଥ ଓ ଅସ୍ତ୍ର ଯୋଗାଣ ହୋଇଆସିଛି । ଭାରତ ବିରୋଧୀ ସନ୍ତ୍ରାସବାଦୀମାନଙ୍କୁ ମ୍ୟାନମାର ଜଙ୍ଗଲରେ ପ୍ରଶିକ୍ଷଣ ଦିଆଯାଇ ଭାରତକୁ ପଠାଯାଇଥାଏ । ମୋଦି ସରକାରଙ୍କ ପ୍ରୟାସକ୍ରମେ ମ୍ୟାନମାର ସରକାର ସନ୍ତ୍ରାସବାଦୀଙ୍କ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିଥିଲେ , ଯାହା ଫଳରେ ବହୁସଂଖ୍ୟକ ସନ୍ତ୍ରାସବାଦୀ ଆତ୍ମସମର୍ପଣ କରିଥିଲେ । ଅନ୍ୟ କେତେକଙ୍କ କ୍ୟାମ୍ପକୁ ଭାରତୀୟ ସେନା ଚଢାଉ କରି ଧ୍ୱଂସ କରିଥିଲା । ମ୍ୟାନମାର ସରକାରଙ୍କ ଏହି ଆଭିମୁଖ୍ୟକୁ ଚୀନର ସରକାର ଆଦୌ ଭଲଦୃଷ୍ଟିରେ ଦେଖୁନଥିଲେ । ଭାରତ ପକ୍ଷରୁ ଚ୍ଛଳିଥିବା କାଲାଦାନ ପ୍ରକଳ୍ପ ଏବଂ ସିତଓ୍ୱେ ବନ୍ଦର ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାଲାଗି ରୋହିଙ୍ଗିଆ ଆରାକାନ ଆର୍ମିକୁ ଚୀନ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଥିଲା । ସେମାନେ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରି ଆକ୍ରମଣ କରିଥିଲେ । ଏବେ ଚୀନ ଉପରେ ସନ୍ଦେହ କରି ନେପାଳ ପରି ମ୍ୟାନମାର ଜନତା ନିଜ ଦେଶରେ ଚୀନ ବିରୋଧରେ ପ୍ରଦର୍ଶନ ଜାରି ରଖିବା ସହ ଚୀନା ବସ୍ତୁ ବର୍ଜନ ପାଇଁ ଆହ୍ୱାନ ଦେଇଛନ୍ତି । ଏହି କ୍ରମରେ ମ୍ୟାନମାରରେ ଚୀନର ବଢୁଥିବା ହସ୍ତକ୍ଷେପକୁ ଲକ୍ଷ୍ୟ କରି ବଙ୍ଗଳାଦେଶ ସରକାର ନିଜର ଶକ୍ତିବୃଦ୍ଧି ପାଇଁ ଭାରତଠାରୁ ୪୩ଟି ତେଜସ ଯୁଦ୍ଧବିମାନ କ୍ରୟ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି ।

ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି ।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି ।

ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା ।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଅଧକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ତୋଳି ଦେଲେ ଏ ଜାତିର ହାତରେ ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁ ବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ତୋଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ - ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲ୍‌ରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି ।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

(ସମାପ୍ତ)

ପାରାଦ୍ୱୀପଗଡ,
ଜିଲ୍ଲା-ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

## କବିତା କୋଣାର୍କ

### ଆସି ଦେଖ ଏଠି....

ତପନ କୁମାର ସାହୁ



ଏଠି ଅପେକ୍ଷା ମାନେ
ବିରହ ଯଜ୍ଞର ଭସ୍ମ ମାଖି
ଅଜସ୍ର ବର୍ଷର ସମାଧି ଭୋଗୁଛନ୍ତି
ଆସ ଥରେ ଦେଖିଯାଅ
ଫୁଲ, ଫଗୁଣ, ପ୍ରଜାପତି
ସମସ୍ତେ ତ ବାଟ ଚାହିଁ
ବସିଛନ୍ତି ତୁମକୁ
ବସନ୍ତ ଭୋଗିବା ପାଇଁ !

ପତ୍ର ଝଡା ପରେ ପରେ
ପୁରୁଣା ଫର୍ଦ୍ଦକୁ ଚିରି
ପ୍ରକୃତି ତା ମଥାରେ ସବୁଜ ରଙ୍ଗର
ବିନ୍ଦି ପିନ୍ଧି ଖୁସିରେ
ବିଭୋର ହେଲାଣି !

ଗତ ବର୍ଷ ତୁମେ ଦେଇଥିବା ରଙ୍ଗ
ଦେହରେ ସିନା ଫିକା ପଡ଼ିଗଲା
କିନ୍ତୁ ଶୀରାରେ ଏବେ ଗାଢ଼ ରଙ୍ଗର
ରକ୍ତ ହୋଇ ବହୁଛି !

କୋକିଳର କୁହୁକୁହୁ ସ୍ୱରରେ
ଶୁଭିଲାଣି ପ୍ରୀତି ପ୍ରଣୟର ସଙ୍ଗୀତ
ରାତିସାରା ମୁ ସ୍ୱିପ୍ନ
ଶୀତଳ ଯୋଛନାରେ
ଭିଜି ଭିଜି ଅନୁଭବୁଛି ତୁମକୁ !

ଆସି ଦେଖ ଏଠି
ଗତ ଥର ଛାଡି ଯାଇଥିବା
ପାଦ ଚିହ୍ନକୁ
ପୋଛି ଦେଲାଣି ଢେଉ ଜଳ
ଓଦା ଓଦା ବାଲି ଦେହ
ଓଦା ସର ସର
ତୁମପାଇଁ କେତେ ଦିନୁ
ଅପେକ୍ଷାରେ ଅଛି
ଆସ ଥରେ ତୁମ ପାଦ ସ୍ପର୍ଶରେ
ଆଙ୍କିଦିଅ ସ୍ମୃତି ଚିହ୍ନ !

+ବେଲଗାଁ,କଳାହାଣ୍ଡି
ମୋ.୯୦୧୯୩୧୧୮୬୮

### ବସନ୍ତ ପ୍ରଭାବ...

ରୋହିତ ସେଠୀ



ପୁଷ୍ପର ସମ୍ଭାରେ ସୁଶୋଭିତ ବୃକ୍ଷ
ବସନ୍ତର ପ୍ରଭାବରେ,
ବେଣୀକୁ ବାନ୍ଧିଛି ଅତି ଯତନରେ,
ଜନ ମନ ଚିତ୍ତ ହରେ ।

ରଙ୍ଗ ବେରଙ୍ଗର ପ୍ରଜାପତି ଦଳ
ମନ ଆନନ୍ଦରେ ଉଡ଼ି,
କୋମଳ ପରଶେ ଫୁଟାଇ ଦିଅନ୍ତି
ଯେତେ କୁନି କୁନି କଢ଼ି ।

ଚଉପାଶ ବାସି, ସୁଗନ୍ଧ ପରଷି
ଦିଏ ଅତି ସରାଗରେ,
ପ୍ରେୟସୀ ଧରଣୀ ବସନ୍ତ ଋତୁକୁ
ହୃଦୁଁ ନିମନ୍ତ୍ରଣ କରେ ।

ଦକ୍ଷିଣ ନିଳୟୁ ମଳୟ ସମୀରେ
ଋତୁରାଜ ଆଗମନ,
କି ଯାଦୁ ଜାଣିଛି, ପହିଲି ଛୁଆଁରେ
ନିମକୁ କରେ ଚନ୍ଦନ ।

ଆମ୍ର ବିପୀନରୁ ଲାଳିତ୍ୟ କଣ୍ଠରେ
କୋଇଲି ଗାଉଛି ଗୀତ,
ପ୍ରକୃତି ରାଣୀକୁ ସାଦରେ କହୁଛି
ବସିବା ଆସେଲୋ ମିତ ।

ବରଷକେ ଥରେ ଏ ଧରା ପୃଷ୍ଠରେ
ପାଦ ଥାପେ ଋତୁରାଜ,
ଅବିର ଖେଳିବା ମଉଜ କରିବା
ବେଗେ ହୁଅ ସଜବାଜ ।

+ଶିକ୍ଷକ
ଖଜୁରୀପଡ଼ା,କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

## କବିତା କୋଣାର୍କ

### ଜୀବନ ...

ବୈଷ୍ଣବ ମେହେର

ଭାଗ୍ୟର ସଳିତା
ଅଧାଜଳା ଅଧାପୋଡ଼ା
କେମିତି ଦପ୍ ଦପ୍ ଚିହ୍ନାରୁଛି
କେଉଁଠି ଛାଡ଼ିବ ମୋତେ
ଏପାରି ନା ସେପାରି
କି ମାଟି କାମୁଡ଼େଇ ଦେବ
ଅଧାଅଧା ସ୍ୱପ୍ନ ଭିତରେ ।

ପତଙ୍ଗ ପରି ଉଡ଼ି ବୁଲୁଛି ମୁଁ
ଫାଶୀ ଖୁଣ୍ଟରେ ଲଟକେଇ ଦେଇ ମୁଣ୍ଡ
ବନ୍ଧୁକ ମୁନରେ ପତେଇ ଦେଇ ଛାତି
କେଉଁ କ୍ଷେତରୁ ଅବା କାଟିବି
ସୁଖର ଫସଲ
ହଜେଇ ଦେଇ ଶେଷ ନିଶ୍ୱାସ
ଦୀପତଳ ଅନ୍ଧାର ଭିତରେ ।

ଜୀବନ୍ୟାସ ଟିଏ ପାଇବାକୁ
ଏମିତି କେତେ ଥର ପାଦ ବଢ଼େଇବି
ଉଚ୍ଚ ଆକାଶକୁ, ମାଟି ତଳକୁ
ଆଉ ଡର ନାହିଁ ମୋର
ମରି ଯିବାକୁ କି ତରି ଯିବାକୁ
ଏଥରକ ଫୁଟେଇବାର ଅଛି ଫୁଲ
ଡଙ୍ଗର ତଳ ପଥର ଛାତିରେ ।

ହେଉ ପଛେ ଛଳନାରେ
ଥରେ କୋଳେଇ ନିଅ
ଟେକିଦିଅ ଖୋଲା ଛାତିଟିଏ
ଦେଖିବ -
ନିମିଷକେ କେମିତି ପାର ହୋଇଯିବି
ସବୁତକ ଦୁଃଖ ।

+ ଶିକ୍ଷକ
ସିନାପାଲି,ନୂଆପଡ଼ା





 କ୍ଷୁଦ୍ର କିଶୋର ଗଳ୍ପ :

# ବିଜ୍ଞ ବିଚାର



ବିନୟ ଭୂଷଣ ପାଣିଗ୍ରାହୀ

ଅନେକଗୁଡ଼ିଏ ସାଙ୍ଘାତିକ ଚୋରି ଡକାୟତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେଇ ଲଗାତାର କୋଡିଏ ବର୍ଷ କାରାଗାରରେ ସଶ୍ରମ ସଜ୍ଜା କାଟୁଥିବା ଜଣେ ବ୍ୟକ୍ତିଙ୍କୁ ତାଙ୍କର ଉତ୍ତମ ବ୍ୟବହାର ଏବଂ ଶୃଙ୍ଖଳିତ ଆଚରଣ ଯୋଗୁ ନିର୍ଦ୍ଦିଷ୍ଟ ଅବଧି ପୂରିବାର ଦୁଇବର୍ଷ ପୂର୍ବରୁ ମୁକ୍ତକରି ରାଜାଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା । ସେତେବେଳକୁ ଦେଖାଶୁଣା କରିବା ପାଇଁ ଦୁନିଆ ଭିତରେ ତାଙ୍କର ନିଜର ବୋଲି କେହି ନଥିଲେ । ତାଙ୍କପାଇଁ ରାଜାଙ୍କ ମନରେ ଦୟାଭାବ ସୃଷ୍ଟି ହେଲା ।

ବୃଦ୍ଧଙ୍କ ମୁହଁକୁ ଚାହିଁ ରାଜା ନରମ ସ୍ୱରରେ ପଚାରିଲେ, "ଏବେ ତମେ ବୃଦ୍ଧ ଏବଂ ଅକର୍ମଣ୍ୟ ହେଇଯାଇଛ । ବାକି ଜୀବନ ଜୀଇଁବାପାଇଁ ତମେ କିଛି ଯୋଜନା କରିଛ କି ?"

ବୃଦ୍ଧ ଅଳ୍ପହସି କହିଲେ, "ମହାରାଜ, ମୁଁ ସ୍ୱୀକାର କରୁଛି ଯେ ମୋର ବୟସ ବଢ଼ିଛି ମାତ୍ର, ମୁଁ ଆଦୌ ବୃଦ୍ଧ କିମ୍ବା ଅକର୍ମଣ୍ୟ ହେଇନାହିଁ ।"

ରାଜା ସାମାନ୍ୟ ଆଶ୍ଚର୍ଯ୍ୟ ହେଇ ପଚାରିଲେ, " ମୁଁ ଦେଖୁଛି ତମେ ଠିକଭାବେ ଠିଆ ହେଇପାରୁନାହଁ । ଅଥଚ, ତମେ କହୁଛ ତମେ ଅକର୍ମଣ୍ୟ ହେଇନାହିଁ । ତମର ଏପ୍ରକାର ମାନସିକ ଦୃଢ଼ତା ଏବଂ ଆତ୍ମବିଶ୍ୱାସକୁ ମୁଁ ତାରିଫ କରୁଛି । ତେବେ ମୁଁ ଜାଣିବାକୁ ଚାହିଁବି ଯେ ଜୀବନଧାରଣ ପାଇଁ ତମର ପରବର୍ତ୍ତୀ ଯୋଜନା କଣ ।"

ବ୍ୟକ୍ତିଜଣକ ଚିନ୍ତା କରିବାର ଅବକାଶ ନନେଇ ତୁରନ୍ତ ଉତ୍ତର ଦେଲେ, "ମହାରାଜ, ଗୋଟିଏ ସମୟରେ କୃଷିକାର୍ଯ୍ୟ ନିମନ୍ତେ ନିଜସ୍ୱ ଜମି ନଥିଲା କିମ୍ବା ପରିଶ୍ରମ କରି ଗୁଜରାଣ ମେଣ୍ଟାଇବା ପାଇଁ ମୋର ଶିକ୍ଷାଗତ ଯୋଗ୍ୟତା ଏବଂ ଦକ୍ଷତା ସମାନୁପାତିକ ନିୟୋଜନ ସୁବିଧା ଉପଲବ୍ଧ ନଥିବାରୁ ସମାଜ ଆଢୁଆଳରେ ଚୋରି-ଡକାୟତି କରି ସମାଜ ଭିତରେ ଆତ୍ମସମ୍ମାନ ସମ୍ପନ୍ନ ଜୀବନ ବିତାଇବାର ପ୍ରଚେଷ୍ଟା କରୁଥିଲି । ଦ୍ୱିତୀୟରେ, ସେତେବେଳେ ମୋତେ ସେଇ ବୃତ୍ତି ଅନ୍ତର୍ଗତ ରାଜାନୁମୋଦିତ ସୂକ୍ଷ୍ମ ଉପାୟଟି ଜଣାନଥିଲା ବୋଲି ଯେତେ ଲୁଚିଲେ ମଧ ପରିବେଶଷରେ ଧରାପଡ଼ି ଦଣ୍ଡିତ ହେଇଥିଲି । ମାତ୍ର, କାରାଗାର ଭିତରେ ରହି ବିଗତ ଅଠର ବର୍ଷ ଭିତରେ ରାଜଅନ୍ନ ଭକ୍ଷଣ କରି ସେଇ ବିଦ୍ୟାଟିକୁ ମୁଁ ଆୟତ୍ତ କରିପାରିଛି ଯାହା ମୋର ବାକି ଜୀବନକୁ ସୁରୁଖୁରୁରେ ଚଳାଇନେବାରେ ମୋତେ ସମ୍ପୂର୍ଣ୍ଣ ସହଯୋଗ କରିବ । ଅର୍ଥାତ, ମୁଁ ସୂକ୍ଷ୍ମ କୌଶଳ ଅବଲମ୍ବନ ସମ୍ମାନଜନକ ଚୋରି କରି ସର୍ବନିମ୍ନ ଶ୍ରମରେ ସର୍ବାଧିକ ଆୟକରି ସସମ୍ମାନେ ବାକି ଜୀବନ ବଂଚିବାପାଇଁ ସ୍ଥିର କରିଛି ।"

ତାଙ୍କର ଏପରି ଉତ୍ତର ଶୁଣି ରାଜା କିପ୍ରକାର ପ୍ରତିକ୍ରିୟା ପ୍ରଦର୍ଶନ କରିବେ କିଛି ଠିକ କରିନପାରି ଅତ୍ୟନ୍ତ ଅସହାୟ ଭଙ୍ଗୀରେ ମନ୍ତ୍ରୀଙ୍କ ମୁହଁକୁ ଚାହିଁଲେ । ରାଜାଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ମନ୍ତ୍ରୀ କହିଲେ, " ମହାଭାଗ, ଆପଣଙ୍କ ଜିଜ୍ଞାସା ପୂରଣ କରିବା ପାଇଁ ମୋତେ ଦୁଇଦିନ ସମୟ ଦିଅନ୍ତୁ ଏବଂ ସେଇ ଦୁଇଦିନ ପାଇଁ ଏହି ବ୍ୟକ୍ତିଙ୍କୁ ରାଜଭବନ ଅତିଥିଶାଳାରେ ରଖିବା ପାଇଁ ଅନୁମତି ପ୍ରଦାନ କରନ୍ତୁ ।"

ରାଜା ଅନୁମତି ପ୍ରଦାନ କରନ୍ତେ ମହାମନ୍ତ୍ରୀ ଦରବାରରୁ ନିଷ୍କ୍ରାନ୍ତ ହେଇ ସ୍ୱବାସଭାବନ ଅଭିମୁଖେ ପ୍ରସ୍ଥାନ କଲେ ।

ପରବର୍ତ୍ତୀ ଦୁଇଦିନ ପାଇଁ ମନ୍ତ୍ରୀବରଙ୍କର କୌଣସି ଖୋଜଖବର ନଥିଲା । ତେବେ, ଦୁଇଦିନ ପରେ ତୃତୀୟ ଦିନ ଦରବାର ଆରମ୍ଭ ହେବାର କିଛି ସମୟ ପରେ ମନ୍ତ୍ରୀ ମହୋଦୟ ରାଜସଭାରେ ପ୍ରବେଶ କଲେ । ତାଙ୍କ ପଛେପଛେ ସେଇ ବ୍ୟକ୍ତିଜଣକ ମଧ ଆସିଥାନ୍ତି । ଆସନ ଗ୍ରହଣ କରିସାରି ମନ୍ତ୍ରୀ ମହୋଦୟ ରାଜାଙ୍କ କହିଲେ, "ମହାରାଜ, ଆପଣ ଅନୁମତି ଦେଲେ ମୁଁ ପ୍ରସ୍ତାବଟିଏ ଦିଅନ୍ତି ଯାହାଦ୍ୱାରା ବୃଦ୍ଧଙ୍କ ଉତ୍ତରକୁ ନେଇ ଆପଣଙ୍କ ମନରେ ଉପୁଜିଥିବା ସବୁ ଦ୍ୱନ୍ଦ ଦୂରହେବା ସହ ତାଙ୍କ ପାଇଁ ଆପଣଙ୍କ ମନରେ ସୃଷ୍ଟି ହେଇଥିବା ଦୟାଭାବକୁ ଯଥାର୍ଥ ସାବ୍ୟସ୍ତ କରିପାରନ୍ତା ।"

ବିଜ୍ଞ ତଥା ବହୁ ଅଭିଜ୍ଞତା ସମ୍ପନ୍ନ ମନ୍ତ୍ରୀଙ୍କ ଉପରେ ଅଗାଧ ବିଶ୍ୱାସ ରହିଆସିଥିବାରୁ ରାଜା ଅଗତ୍ୟା ସମ୍ମତି ପ୍ରଦାନ କରନ୍ତେ ମନ୍ତ୍ରୀ କହିଲେ, " ମହାରାଜ, ୟାଙ୍କୁ ଆମ ରାଜ୍ୟରେ ଥିବା ସମସ୍ତ କାରଗାରର ନିରୀକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିବାପାଇଁ ଆପଣଙ୍କ ଅନୁମୋଦନ ଆଶାକରୁଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)



କାର୍ତ୍ତିକ ସାଇଁ

ବିଜ୍ଞାନ ଟୁଙ୍ଗି - ୩୪

# ଚନ୍ଦ୍ର ପୃଷ୍ଠରେ ମାନବ (କ)



ମାନବର ମହାକାଶ ଯାତ୍ରା ଯେତିକି ରୋମାଂଚକର ଥିଲା ସେତିକି ବିପଦପୂର୍ଣ୍ଣ ଥିଲା । ଆଗରୁ କୁହାଯାଇଛି, ମହାକାଶ ସାମାନ୍ୟତମ ତ୍ରୁଟିକୁ କ୍ଷମା କରେ ନାହିଁ । ବସ ଦୁର୍ଘଟଣା, ରେଳ ଦୁର୍ଘଟଣାରେ କିଛି ଲୋକ ବଂଚିବାର ଆଶାଥାଏ । ମାତ୍ର ଉଡ଼ାଜାହାଜ ଦୁର୍ଘଟଣାରେ ଯାତ୍ରୀ ବଂଚିବାର ଆଶା ବହୁତ କ୍ଷୀଣ । ମହାକକ୍ଷ ଯାନ ଓ ସେଥିରେ ଥିବା ଯାତ୍ରୀଙ୍କ ସୁରକ୍ଷା ଲାଗି ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ କାରଣ ମହାକାଶ ଆଦୌ କ୍ଷମା କରେ ନାହିଁ ।

ମାନବର ମହାକାଶକୁ ଯାତ୍ରା ଆରମ୍ଭ କରିବାର ଅନେକ ବର୍ଷ ହୋଇଯାଇଥିଲା । ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଶୀତଳ ଯୁଦ୍ଧ ଲାଗି ରହିଥାଏ । ମହାକାଶରେ ପ୍ରଥମେ ସଫଳତା ହାସଲ କରିଥିଲା ସୋଭିଏତ୍ ରୁଷିଆ । ପ୍ରଥମ ମହାକାଶ ଯାନ ସ୍ପୁଟନିକକୁ ସୋଭିଏଟ୍ ରୁଷିଆ ମହାକାଶକୁ ଛାଡ଼ି ଏକ ମହାନ କୀର୍ତ୍ତିମାନ ସ୍ଥାପନ କରିଥିଲା ପୁଣି ୟୁରି ଗାଗାରିନଙ୍କୁ ପ୍ରଥମ ମହାକାଶ ଯାତ୍ରୀ କରି ସଫଳତା ପାଇଥିବା ସୋଭିଏତ୍ ରୁଷିଆ ଆମେରିକାକୁ ଗୋଟେ ବଡ଼ ଚ୍ୟାଲେଂଜ ଦେଇଥିଲା ।

ଆମେରିକାର ରାଷ୍ଟ୍ରପତି ଜନ୍ ଏଫ କେନେଡ଼ି ଆମେରିକାର ବୈଜ୍ଞାନିକ ଓ ଇଂଜିନିୟରଙ୍କୁ ଏକ ବଡ଼ ଆହ୍ୱାନ ଦେଇଥିଲେ ୧୯୯୧ରେ । ୧୯୯୦ ଦଶକ ସରିବା ଆଗରୁ ଆମେରିକୀୟଙ୍କୁ ଚନ୍ଦ୍ର ପୃଷ୍ଠରେ ପହଂଚାଇବାର ଲକ୍ଷ୍ୟ ରଖିଥିଲେ ସେ ଆମେରିକା ଆଗରେ । ଏହା କଲେ ଆମେରିକା ସୋଭିଏଟ୍ ରୁଷିଆକୁ ପଛରେ ରଖିବ ମହାକାଶ ବିଜ୍ଞାନ କ୍ଷେତ୍ରରେ । ସେ ସମୟରେ ମହାକାଶରୁ ଯୁଦ୍ଧ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନଥିଲା । ତେଣୁ ପୃଥିବୀର ତତ୍କାଳୀନ ଦୁଇ ମହାବ୍ୟକ୍ତିଙ୍କ ଭିତରେ ପ୍ରତିଯୋଗିତା ଲାଗି ରହିଥିଲା ।

ମଣିଷର ମହାକାଶ ଯାତ୍ରାର ଅଦ୍ଭୁତପୂର୍ବ କଥା ପ୍ରଫେସର ଚନ୍ଦ୍ରଶେଖର ଜାରି ରଖିଥିଲେ । ଆଜିକାଲି ମହାକାଶକୁ ନେଇ ସାରା ଦୁନିଆଁରେ ବହୁତ ଆଗ୍ରହ । ପ୍ରଫେସରଙ୍କ ବିଜ୍ଞାନ ଟୁଙ୍ଗିରେ ବେଶ୍ ଭିଡ଼ ଲାଗି ରହିଥିଲା ।

ପ୍ରଫେସର ଆପୋଲୋ-୧୧ କଥା ଜାରି ରଖିଥିଲେ ।

ଆମେରିକା ଆପୋଲୋ-୧୦ ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷଣ କରି ଯଥେଷ୍ଟ ଆତ୍ମବିଶ୍ୱାସ ଅର୍ଜନ କରି ସାରିଥିଲା । ଆପୋଲୋ-୧୧ ମହାକାଶ ଯାତ୍ରୀଙ୍କୁ ନେଇ ପ୍ରଥମେ ଚନ୍ଦ୍ରକକ୍ଷକୁ ଯିବ ଓ ସେଠାରେ ଚନ୍ଦ୍ରକକ୍ଷରେ ବୁଲିବା ପରେ ମହାକାଶଯାତ୍ରୀମାନେ ଚନ୍ଦ୍ରପୃଷ୍ଠକୁ ଅବତରଣ କରିବେ ।

ଆପୋଲୋ ମହାକାଶ ଯାନର ତିନୋଟି ଭାଗ ଥିଲା । ସେ ସବୁ ଯଥାକ୍ରମେ କମାଣ୍ଡ ମଡ୍ୟୁଲ, ସର୍ଭିସ ମଡ୍ୟୁଲ ଓ ଲୁନାର ମଡ୍ୟୁଲ । କମାଣ୍ଡ ମଡ୍ୟୁଲରେ ତିନିଜଣ ମହାକାଶ ଯାତ୍ରୀଙ୍କ ରହିବା ଲାଗି ଜାଗା ଥିଲା ଓ ଏହି ଭାଗର ସଂପୂର୍ଣ୍ଣ ଯାନକୁ 'ନିର୍ଦ୍ଦେଶ' ବା କମାଣ୍ଡ ଦେଇ ହେଉଥିଲା । ଏହି ମଡ୍ୟୁଲ ସହିତ ଯୋଡ଼ି ହୋଇ ରହିଥିଲା 'ସେବା ମଡ୍ୟୁଲ' ବା ସର୍ଭିସ ମଡ୍ୟୁଲ । ଏହି ମଡ୍ୟୁଲ କମାଣ୍ଡ ମଡ୍ୟୁଲକୁ ଆବଶ୍ୟକ ସୁବିଧା ପ୍ରଦାନ କରୁଥିଲା । ଏଥିରେ ବିଜୁଳି ଶକ୍ତି, ଇନ୍ଧନ, ଅମ୍ଳଜାନ ଯୋଗାଇବାର ସୁବିଧା ଥିଲା ।

ଆପୋଲୋ-୧୧ ମହାକାଶ ଯାନର ତୃତୀୟ ମଡ୍ୟୁଲଟି ଥିଲା ଚନ୍ଦ୍ରାୟ ମଡ୍ୟୁଲ ବା ଲୁନାର ମଡ୍ୟୁଲ । ଏହି ମଡ୍ୟୁଲ କମାଣ୍ଡ ମଡ୍ୟୁଲଠାରୁ ଅଲଗା ହୋଇ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲା ଓ ଦୁଇଜଣ ମହାକାଶଯାତ୍ରୀଙ୍କୁ ଚନ୍ଦ୍ର ପୃଷ୍ଠକୁ ନେଇଥିଲା । ଏହି ମଡ୍ୟୁଲର ଦୁଇଟି ଭାଗ ଥିଲା- ଗୋଟିଏ ଥିଲା ଅବରୋହରଣ ବା ଡିସେଣ୍ଟ ଅଂଶ **Descent Stage** ଓ ଅନ୍ୟଟି ଆରୋହଣ ବା **Ascent Stage**।

ଆପୋଲୋ-୧୧ ମହାକାଶ ଯାନରେ ତିନିଜଣ ମହାକାଶ ଯାତ୍ରୀ ଥିଲେ । ସେମାନେ ହେଲେ କମାଣ୍ଡର ନିଲ୍ ଆର୍ମଷ୍ଟ୍ରଂଗ (**Nill Armstrong**), ବଜ୍ ଆଲଡ୍ରିନ୍ ଓ ମାଇକେଲ କଲିନ୍ସ । ବଜ୍ ଆଲଡ୍ରିନ୍ ଲୁନାର ମଡ୍ୟୁଲର ପାଇଲଟ୍ ଥିଲେ । କମାଣ୍ଡ ମଡ୍ୟୁଲର ପାଇଲଟ୍ ଥିଲେ ମାଇକେଲ କଲିନ୍ସ ।

ଏହି ମହାକାଶ ଯାତ୍ରୀମାନେ ବହୁତ କଷ୍ଟସାଧ୍ୟ ପ୍ରଶିକ୍ଷଣ ନେଇଥିଲେ । ମହାକାଶକୁ ଯିବାକୁ ସେମାନଙ୍କ ଆବଶ୍ୟକ ଶାରୀରିକ ସୁସ୍ଥତା ଥିଲା ।

ଜୁଲାଇ ମାସ ୧୯ ତାରିଖ ୧୯୬୯ । ଏହି ଦିନଟି ବିଶ୍ୱ ଇତିହାସରେ ଏକ ନୂଆ ନୂତନ ଅଧ୍ୟାୟ ଯୋଡ଼ିଲା । ଆମେରିକାର କେନେଡ଼ି ସ୍ପେସ୍ ସେଂଟରରୁ ସଟର୍ନ-ଭି ଏମଏ-୫୦୯ ରକେଟ ଆପୋଲୋ ମହାକାଶ ଯାନକୁ ନେଇ ଚନ୍ଦ୍ର ଅଭିମୁଖେ ତାର ଯାତ୍ରା ଆରମ୍ଭ କରିଥିଲା । ଏଥିରେ ଥିଲେ ତିନି ମହାକାଶ ଯାତ୍ରୀ ନିଲ୍ ଆର୍ମଷ୍ଟ୍ରଙ୍ଗ, ମାଇକେଲ କଲିନି ଓ ଏଡ୍‌ଉଇନ୍ ଆଲଡ୍ରିନ ।

(କ୍ରମଶଃ)

(ମୋ): ୯୯୮୦୩୦୦୭୫୧

# ତୁମପାଇଁ ବହି : 'ଆମେ ସିନା ଟିକି'



ପ୍ରଶାନ୍ତ କୁମାର ରାଉଳ

ଶିଶୁ ଦେଶର ଭବିଷ୍ୟତ । ଜାତିର ମହାର୍ଘ ସମ୍ପଦ । ଶିଶୁର ଖିଲି ଖିଲି ହସ, ଗୁଲୁ ଗୁଲୁ କଥା, ଚଳଚଞ୍ଚଳ ପ୍ରକୃତି, ଅବାଧ୍ୟ ଭାବ, ଢ଼ଳ ଢ଼ଳ ଗ୍ଲି କାହା ମନକୁ ଆପ୍ୟାୟିତ ନ କରେ ? ଶିଶୁ ଯେଉଁ ସ୍ୱପ୍ନ ଦେଖେ ତାହା ସ୍ୱର୍ଗୀୟ । କବି ମାୟାଧର ମାନସିଂହଙ୍କ ଭାଷାରେ 'ସୁପ୍ତ ଶିଶୁ ଦେଖେ ଯେହ୍ନେ ସ୍ୱର୍ଗୀୟ ସ୍ୱପନ । (ମହାନଦୀରେ ଜ୍ୟୋତ୍ସ୍ନା ବିହାର) ସ୍ୱପ୍ନ ଦେଖିବା ମଣିଷର ସହଜାତ ପ୍ରବୃତ୍ତି । ଶିଶୁ ବା ସେଥିରୁ ବାଦ ଯିବ କିପରି ? ଶିଶୁର ସ୍ୱପ୍ନ ଭିତରେ ଅନେକ ସମ୍ଭାବନା ଲୁକ୍କାୟିତ ହୋଇ ରହିଥାଏ । କ'ଣ, କାହିଁକି, କିପରି ତା' ମନକୁ ଆନ୍ଦୋଳିତ କରେ । ଏଇ ଜାଣିବାର ଇଚ୍ଛାକୁ, ଏଇ ଜିଜ୍ଞାସାକୁ ତାର ବାପାମାଆ ତଥା ଗୁରୁଜନମାନେ ଯେତିକି ପୂରଣ କରି ପାରିନଥାନ୍ତି, ତା'ଠାରୁ ବେଶି ଖୋରାକ ଯୋଗାଇ ଥାଏ ଶିଶୁ ସାହିତ୍ୟ ।

ବୟସ୍କମାନଙ୍କ ଦ୍ୱାରା ଶିଶୁମାନଙ୍କ ପାଇଁ ରଚିତ ସାହିତ୍ୟ ହିଁ ଶିଶୁସାହିତ୍ୟ ପଦବାଚ୍ୟ । ଯେଣୁ ଜଣେ ସଫଳ ଶିଶୁ ସାହିତ୍ୟିକ ଶିଶୁ ସାହିତ୍ୟ ରଚନା କରିବା ସମୟରେ ନିଜର ଚିନ୍ତା ଚେତନାକୁ ଶିଶୁ ସ୍ତରକୁ ନେଇଆସେ । ସେ ଶିଶୁ ସ୍ତରକୁ ଓହ୍ଲାଇ ଆସି ଶିଶୁ ସାହିତ୍ୟ ରଚନା କରେ । ଶିଶୁର ରାଗ, ରୁଷା, ହସକାନ୍ଦ, ଥଟ୍ଟା ପରିହାସ, ଅସମ୍ଭବକୁ ସମ୍ଭବ କରିବା ଇଚ୍ଛା,ଜିଦ୍‌ଖୋରଣ ଭାବ, ଭୁଲାପଣ, ଭୟତଥା ତଥା ନୂତନ ଦୁନିଆ ଗଢ଼ିବାର ସ୍ୱପ୍ନ ଜଣେ ସଫଳ ଶିଶୁସାହିତ୍ୟିକ ତାଙ୍କ ରଚନା ମାଧ୍ୟମରେ ପରିସ୍ଫୁଟ କରି ଏମିତି ହେବା ଉଚିତ, ଏମିତି ହେବା ଅନୁଚିତ ଦର୍ଶାଇ ଶିଶୁକୁ ଉତ୍ତମ ନାଗରିକ ହେବାର ପ୍ରୟାସ କରିଥାନ୍ତି । ଆଉ ମଧ୍ୟ ଶିଶୁଟି ଶିଶୁ ସାହିତ୍ୟରେ ନିଜକୁ ଆବିଷ୍କାର କରି ଆନନ୍ଦରେ ନାଚି ଉଠି ଥାଏ । ଏହି ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ କବି ସୈରିନ୍ଧ୍ରୀ ସାହୁ ତାଙ୍କ ରଚିତ 'ଆମେ ସିନା ଟିକି' କବିତାମାଳାରେ ସେମିତି ଅନେକ କିଛି ଭାବର ଉଦ୍ରେକ କରି ଶିଶୁଙ୍କ ମନକୁ ମୋହିତ କରିବା ସହିତ ବହୁତ ଶିଖାଇ ଅଛନ୍ତି ।

'ଧ୍ୱନିପ୍ରତିଧ୍ୱନି'ର ସଂପାଦିକା ତଥା କବୀ ଶ୍ରୀମତୀ ସାହୁ ଏକ ପରିଚିତ ନାଁ । ଅଶି ଦଶକରୁ ଲେଖା ଆରମ୍ଭ କରି ସାହିତ୍ୟ ଜଗତକୁ 'କଇଁଚି କାକୁଡ଼ି ନଳିତା ପିତା' ଓ 'ଆମେ ସିନା ଟିକି' ଶିଶୁ କବିତା ପୁସ୍ତକ ଦ୍ୱୟ ଅର୍ପଣ କରି ଶିଶୁ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି, ଏଥିରେ ଦ୍ୱିମତ ନାହିଁ । ଶିଶୁ ସାହିତ୍ୟର ସଫଳ ରୂପାୟଣ 'ଆମେ ସିନା ଟିକି'ର ସମ୍ୟକ୍ ଆଲୋଚନା କରିବା ଏହି ଆଲୋଚନାର ବିଶେଷତ୍ୱ । କବୀଙ୍କର 'ଆମେ ସିନା ଟିକି' ପୁସ୍ତକର ନାମକରଣ ଗଭୀର ଅର୍ଥଦ୍ୟୋତକ । ଆମେ (କୁନି କୁନି ଶିଶୁ-ଭାବୀ ନାଗରିକ) ସିନା-ନିଶ୍ଚେ, ଟିକି-ସାନ । ଛୋଟ ଭିତରେ ବୃହତ୍ତର ସନ୍ଧାନ ଏହାର ବିଶେଷତ୍ୱ । ଯୁଗେ ଯୁଗେ ଟିକି ପିଲାଏଁ ସମୟ ଚକ୍ରରେ ବଡ଼ ହୋଇ ଦେଶ ଜାତିର ଅଶେଷ କଲ୍ୟାଣ ସାଧନା କରିଥାନ୍ତି । କବିତାମାଳାର ପ୍ରଥମ କବିତା-ଆମେ ସିନା ଟିକି' ରେ କବୀ କରିଛନ୍ତି- ଟିକି ପିଲା ଧରମା ଛୋଟ ବେଳେ ମାଆର ପଣତକାନିରେ ନିଜ ମୁହଁକୁ ଲୁଚାଇ ଡରୁଥିଲେ ମଧ୍ୟ ପରେ ବଡ଼ ହୋଇ କୋଣାର୍କର ଚୂଳି ମାରି ବାରଶ ବଢ଼େଇଙ୍କର ମାନ ରଖିଛି । ଟିକି ପିଲା ବାଜିଆ ଇଂରେଜଙ୍କ ବନ୍ଧୁକକୁ ନଡରି ନିଜର ଛାତି ପତାଇ ଦେଇଛି ଦେଶର ମଙ୍ଗଳ ପାଇଁ । ଟିକି ଶିଶୁ ଧ୍ରୁବ ଓ ପ୍ରହଲ୍ଲାଦଙ୍କ ଡାକରେ ଜଗତ ସାଇଁ ନିଜେ ସେ ଦୁହିଁଙ୍କ ଅଟଳ ଭକ୍ତିରେ ସନ୍ତୁଷ୍ଟ ହୋଇ ମନୋବାଞ୍ଛା ପୂରଣ କରିଛନ୍ତି । ସେମାନଙ୍କ ଆଗରେ ଉଭା ହୋଇଛନ୍ତି । କବୀ କେବଳ ମାନବ ଶିଶୁକୁ ଟିକି ବୋଲି ନ କହି ପ୍ରକୃତି ଜଗତରେ ଦୃଶ୍ୟମାନ ଟିକିଫୁଲ, ଟିକି ମହୁମାଛି, ଟିକି ସାପ ଓ ସାନ ଜଳକଣା କଥାର ଅବତାରଣ କରି ଟିକିର ମହିମା ଗାନ କରିଛନ୍ତି । କବୀଙ୍କ ଭାଷାରେ -

"ଆମେ ସିନା ଟିକି ଆମରି ହସରେ
ଦୁନିଆ ଉଠିବ ହସି
ଆମେ ସିନା ଟିକି ଆମରି ବାସରେ
ଦୁନିଆ ଉଠିବ ବାସି ।"
(ଆମେ ସିନା ଟିକି-ପୃଷ୍ଠା ୨)

ଯୁଗେ ଯୁଗେ କବି, ଭାବୁକ ଓ ଲେଖକ ଟିକି ଭିତରେ ବୃହତ୍ତର ସନ୍ଧାନ କରି ଆସିଛନ୍ତି । ସଂସ୍କୃତରେ ନୀତିକାର କହିଛନ୍ତି-

"କ୍ଷୁଦ୍ରେପି ନିହିତ । ଶକ୍ତି ସମ୍ଭାବନା
ମହୀୟସୀ
କ୍ଷୁଦ୍ର ବୀଜାତ୍ ମହାକାୟଃ
ବଟବୃକ୍ଷସ୍ୟ ସମ୍ଭବଃ ।"

କ୍ଷୁଦ୍ର ମଞ୍ଜିରୁ ବିଶାଳକାୟ ବଟବୃକ୍ଷ ଜନ୍ମ ହୋଇ ହସ୍ତ ପ୍ରସାରଣ କରି ମାଟିରେ ଦଣ୍ଡାୟମାନ ହେଲା ପରି ଛୋଟ ଭିତରେ ମହାନ ଶକ୍ତିର ସମ୍ଭାବନା ନିହିତ ହୋଇ ରହିଥାଏ । ଆଉ ମଧ୍ୟ ଆମେ ଯେତେବେଳେ ବଡ଼ମାନଙ୍କଦ୍ୱାରା କୌଣସି କାର୍ଯ୍ୟ ସମ୍ପନ୍ନ ହୋଇ ନ ପାରିବା ଦେଖୁ ସେତେବେଳେ କହିଥାଉ -

'ବଡ଼ ବଡ଼ ଗଲେ ଫସର ଫାଟି
ସାନ ଆସି ଗଲେ ବେସର ବାଟି ।'

ଆଜି ଯିଏ ଛୋଟ କାଲି ସିଏ ବଡ଼ ହୋଇ ଦୁନିଆ ଆଗରେ ଠିଆ ହୁଏ । କିନ୍ତୁ ବଡ଼ କେବେ ସାନ ହୋଇ ପାରେନା । ସେଥିପାଇଁ ଶିଶୁକବି ପ୍ରଶାନ୍ତ କୁମାର ରାଉଳ 'ଛୋଟ ବଡ଼ କେହି ନାହିଁ




ଶିଶୁ କବିତାରେ କହିଛନ୍ତି -

'ଛୋଟ ହୁଏ ବଡ଼ କିନ୍ତୁ ବଡ଼ ଛୋଟ
ହୋଇନି କସ୍ମିନ୍ କାଳେ
କର ଜୟଗାନ ଆଶା ସେ ବିରାଟ
ଯେ ଆଶା ଆଲୋକ ଜାଳେ ।'
(ସୁନା ଚାଙ୍ଗୁଡ଼ି- ପୃଷ୍ଠା-୨୬)

କବିତାମାଳାର ଶେଷ କବିତା 'ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ' କବିତାରେ କବି ଆମ ଦେଶର କୁନି କଳିକାମାନଙ୍କୁ ଗାନ୍ଧୀ, ସୁଭାଷ, ଭଳି ହେବାକୁ ପ୍ରେରଣା ଦେଇଛନ୍ତି । ସେମାନେ ମନ ଦେଇ ପାଠ ପଢ଼ିଲେ ଦିନେ ମଧୁବାରିଷ୍ଟର ପରି ଦେଶପ୍ରେମୀ ହୋଇ ଏ ଜାତିର ନାଁ ରଖିବେ । ସେମାନେ ଗୋଟିଏ ମାଆର ସନ୍ତାନ । ପର ଆପଣା ଭେଦଭାବ ଜାଣନ୍ତି ନାହିଁ । ଅନ୍ୟାୟ ବିରୁଦ୍ଧରେ ଲଢ଼ିବେ ପଛକେ ଡରି ଯିବେ ନାହିଁ । କବୀଙ୍କ ଉକ୍ତି-

"ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ଭାଙ୍ଗି ଯିବା ପରେ ଯିବାନି ନଇଁ
ଡର ଭୟ ଛାଡ଼ି ଛାତି ପାତି ଦେବା
ଆମେ ଆମ ଦେଶ ମହତ ପାଇଁ ।

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
କେତେ ନୂଆ ଚିନ୍ତା ଚେତନା ନେଇ
ହସିବା ଆକାଶେ ବୁଣିବା କିରଣ
ଏ ଜାତିର ନୂଆ ସୂରୁଜ ହୋଇ ।''

ଏ ଦେଶର ଟିକି ଶିଶୁ ନୂଆ ଚିନ୍ତା ଚେତନା ନେଇ ଏ ଜାତିର ନୂଆ ସୂରୁଜ ହୋଇ ଉଠିବେ । ଏହାହିଁ ଟିକିର ବିଶେଷତ୍ୱ । ଯାହାର ଆରମ୍ଭ 'ଟିକି' ତାର ଶେଷ ବି 'ଟିକି' । କି ସୁନ୍ଦର ପରିକଳ୍ପନା ! କି ସୁନ୍ଦର କବିତା ଗୁଡ଼ିକର ସଜ୍ଜୀକରଣ ।

କବିତାରୁ ଅଧିକ ଚିତାକର୍ଷକ ହୋଇଛି ଚିତ୍ରକୁ ନେଇ । ପ୍ରଚ୍ଛଦ ଶିଳ୍ପୀ ଅଶୋକ କୁମାର ମହାନ୍ତି ପ୍ରତ୍ୟେକ କବିତାର ଭାବଭଙ୍ଗୀକୁ ଲକ୍ଷ୍ୟକରି ଶିଶୁମନକୁ ଆକର୍ଷିତ କଲା ଭଳି ଚିତ୍ର ଅଙ୍କନ କରି ପୁସ୍ତକର ଅନ୍ତଃରଙ୍ଗ ରୂପକୁ ପରିପାଟୀକୁ ଆହୁରି ଅଧିକ ବଢ଼ାଇ ଦେଇଛନ୍ତି । କିମଧିକମ୍ ? (କ୍ରମଶଃ)

ଭଞ୍ଜକଲୋନୀ, ଡାକ୍ତରଖାନା ମାର୍ଗ,
ନୂଆବଜାର, ଜଳେଶ୍ୱର,
ବାଲେଶ୍ୱର-୭୫୬୦୦୨
ମୋ- ୮୧୪୮୮୬୪୫୮୪

କବିତା
ତୁମ ପାଇଁ



## ଆସରେ ପିଲେ ଧରିବା ଜହ୍ନ...

କୁନା ସେଠୀ

ଆସରେ ପିଲେ ଧରିବା ଜହ୍ନ
ଜହ୍ନ ଧରିବାକୁ ହେଲାଣି ମନ
ଆସ ଆସ ବେଗେ ଚାଲି
ଟୁନା, ମୁନା, ସୁନା, ଭଗିଆ, ନାନା
ଆଣ ଆଣ ବେଗେ ତୁମ ଆଇନା
ଜହ୍ନ ଆସିଲାଣି ହଲି ।

ଚୁଲିବୁଲିଆ ସେ ମଖମଲିଆ
ତାକୁ ଧରିବାକୁ କିଆଁ ହାଲିଆ
ଆସିବରେ ସିଏ ହସି
କାଳିଆ ହାତୀରେ ବସିବ ସିଏ
ଖିଲି ଖିଲି ହୋଇ ହସିବ ସିଏ
ପଶିବରେ ଆସି ଧସି ।

ଆଇନା ତୁମର ସଜାଇ ଧର
ଦେଖାଇବ ତାକୁ ନିଜ ନିଜର
ହୋଇବରେ ସିଏ ଖୁସି
ଡେଇଁ ପଡ଼ିବ ସେ ଆକାଶ ଦେଶରୁ
ଚାହିଁ ରହିଥିବା ଅନେକ ଶିଶୁ
ଗୋଟିଏ ଜାଗାରେ ବସି ।

ଆଇନାରେ ଆମ ଦେବ ସେ ଧରା
କରିବନି ଆଉ ଜମା ନଖରା
ବସିବ ଆମରି ମେଳେ
ଖେଳନା ସଜାଇ ଆମରେ ସବୁ
ଚକାମାଢ଼ି ସବୁ ବସିବା ବାବୁ
ମାତି ଯିବା ନାନା ଖେଳେ ।

ଦୁମୁକୁ ଦୁମାରେ ତାଳ ଗୁଟୁମା
ଦେଇ ଦିଅ ମତେ ଗୋଟିଏ ଚୁମା
ଯିବି ମୁଁ ଜହ୍ନ ସାଥେ
ତାହାରି ଦେଶେ ତାହାରି ସାଥେ
ବୁଲିବି ମୁହିଁରେ ତାହାରି ରଥେ
ଚାଲିବି ଜୀବନ ପଥେ ।

ରୂପା କିରଣରେ ଝଟକୁ ଥିବି
ସରଗ ରାଇଜ ବୁଲି ଆସିବି
ଖେଳିବି ପରୀଙ୍କ ମେଳେ
ଖାଇବି ସେଠି ମୁଁ କେତେ ଦରବ
ଜହ୍ନ ମାମୁଁ ମୋର ଯାହା ତ ଦବ



ପକାଇବିନି ଜମା ତଳେ ।

ଏମିତି ଭାବିଣ ମନକୁ ମନ
କୁନା ଧାଇଁଗଲା ନିଜର ସ୍ଥାନ
ଜହ୍ନକୁ ଧରିବା ପାଇଁ
ଆଇନାଟି ସିଏ ଧରିବା ବେଳେ
ହାତରୁ ଖସିଲା ତାହାରି ଖେଳେ
ଭାଙ୍ଗିଗଲା ଖଣ୍ଡ ହୋଇ ।

ଖଣ୍ଡ ଆଇନାର ଭିତରେ ବସି
ଜହ୍ନ ହସୁଅଛି ହୋଇଣ ଖୁସି
କହୁଛି କୁନାକୁ ସିଏ
ଆକାଶର ଜହ୍ନ ଧରା ଧାମକୁ
ଆସିବନି କେବେ ତୋର କାମକୁ
ଜୀବନଟା ଥିବା ଯାଏ ।

ସୁନା ପିଲା ମୋର କଥାଟି ମାନ
ହୁଅନା ତୁ ଆଉ ଏତେ ଉଚ୍ଛନ୍ନ
ହସୁଥାଅ ମତେ ଦେଖି
ମିତ ବସିବାରେ ଦୂରରେ ଥାଇ
ଖୁସି ହେବା ନିତି ଦେଖିବା ପାଇଁ
ଭାବକୁ ନିଜର ରଖି ।

+ଭୂତସରସିଙ୍ଗି,ଗଞ୍ଜାମ

## ଆମେ ପଢ଼ିବା ଆମେ ବଢ଼ିବା...

କସ୍ତୁରୀ ଚରଣ ରାଉତ

ମନ ଲଗାଇ ପଢ଼ିବା ପାଇଁ
ଶପଥ ଆମେ ନେବା
ଛାତି ଫୁଲାଇ ମାଟି ମାଆର
କରିବା ଆମେ ସେବା ।

ଉନ୍ନତି ପଥେ ବଢ଼ିବା ଆମେ
ଗରବେ ଟେକି ମଥା
ଇତିହାସରେ ରହିବ ସିନା
କାଳ କାଳକୁ କଥା ।

ପରିବେଶକୁ ସଫା ରଖିବା
ଲଗାଇ ବୃକ୍ଷରାଜି
ସଚେତନତା ସୃଷ୍ଟି କରିବା
ସ୍ୱେଚ୍ଛାସେବକ ସାଜି ।

ସୁସ୍ଥ ସମାଜ ଗଢ଼ିବା ଆମେ
ଯେଉଁଠି ଥିବ ସୁଖ
ନ ଥିବ ସେଠି ପର ଆପଣା
ନ ଥିବ କା'ର ଦୁଃଖ ।

ଆମରି କୁନି ହାତ ଛୁଆଁରେ
ହସିବ ସୁନାକ୍ଷେତ
ମନ ଖୁସିରେ ଉଡୁଥିବଟି
ଆମ ତିରଙ୍ଗା ନେତ ।

ପହରା ଦେବା ଦେଶ ସୀମାରେ
ସବୁ ବିପଦ ସହି
ଦେଶ ଭିତରେ ଆମରି ଲୋକେ
ନିଶ୍ଚିନ୍ତେ ଥିବେ ରହି ।

ହସିହସିକା ଜୀବନ ଦେବା
ଆମରି ଦେଶପାଇଁ
ସପନ ଆମ ସାକାର ହେବ
ସାହା ଜଗତ ସାଇଁ ।

+ ମକୁନ୍ଦପୁର,ବାଙ୍କୀ,କଟକ
ମୋ.୮୯୧୭୩୯୭୩୪୮



# ବସ୍ତିବାସିନ୍ଦାଙ୍କଠାରୁ ସଫେଇ ବାବଦକୁ ଟଙ୍କା ଆଦାୟ ପରେ ଏବେ ପାରାଦୀପ ପୌରପାଳିକା ଟାର୍ଗେଟରେ କଲୋନୀ ବାସିନ୍ଦା

ପାରାଦୀପ ,୫।୩ (ନି.ପ୍ର): ରାଜ୍ୟର ଅନ୍ୟତମ ଧନୀ ପୌରପାଳିକା ଭାବେ ଗଣା ହୁଏ ପାରାଦୀପ ପୌରପାଳିକା । ପୌର ପାଳିକାର ମୁଖ୍ୟ କାର୍ଯ୍ୟ ହେଲା ପରିମଳ ସେବା ଯୋଗାଇ ଦେବା । ତତ୍ ସହିତ ରାସ୍ତାଘାଟ ସଫା ରଖିବା, ବସ୍ତି ବାସିନ୍ଦାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା, ଶିକ୍ଷାର ସୁବନ୍ଦୋବସ୍ତ କରିବା, ଆଲୋକୀକରଣ ଆଦି । ପୌର ପାଳିକାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପ୍ରଥମେ ୫ ଲକ୍ଷ ଟଙ୍କା ଦେଉଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୮ ଲକ୍ଷ ଟଙ୍କା ଓ କପିଳ ଯୋରୀ ସଫେଇ ଦାୟିତ୍ୱ ପୌର ପାଳିକା ନେବା ପରେ ଏବେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପାରାଦୀପ ପୌର ପାଳିକାକୁ ୨୦ ଲକ୍ଷ ଟଙ୍କା ଦେଉଛନ୍ତି । ହେଲେ କପିଳ ଯୋରୀ ସଫେଇ କରିବାର ନାଆଁ ଗନ୍ଧ ଧରୁନି ପାରାଦୀପ ପୌର ପାଳିକା । ରାଜ୍ୟ ସରକାର ପାରାଦୀପ ପୌରପାଳିକାକୁ ପର୍ଯ୍ୟାପ୍ତ ପରିମାଣ ର ଅର୍ଥ ପ୍ରଦାନ କରୁଥିବା ବେଳେ ପୌର କର୍ତ୍ତୃପକ୍ଷ ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟୀମାନଙ୍କ ଠାରୁ ମୋଟା ଅଙ୍କ ର ହୋଲଡିଙ୍ଗ ଟ୍ୟାକ୍ସ ଆଦାୟ କରୁଥିବାର ଅଭିଯୋଗ ହୁଏ । ଏତଦ୍‌ବ୍ୟତିତ ସାଧାରଣ ବସ୍ତି ବାସିନ୍ଦାଙ୍କ ଠାରୁ ସଫେଇ ବାବଦରେ ପ୍ରଥମେ ୧୦୦ ଟଙ୍କା ନେଉଥିବା ବେଳେ ଏବେ ୨୫୦ ଟଙ୍କା ଆଦାୟ କରୁଛନ୍ତି ଓ ଅଧୁନା କଲୋନୀ ମାନଙ୍କରୁ ମଧ ଟଙ୍କା ଆଦାୟ ଆରମ୍ଭ କଲେଣି । ସଂପ୍ରତି ପୌର ପାଳିକା କର୍ତ୍ତୃପକ୍ଷ ବସ୍ତି ବାସିନ୍ଦା ଙ୍କ ଠାରୁ ଆଦାୟ କରୁଥିବା ସଫେଇ ଦେୟ ବୃଦ୍ଧି କରିଛନ୍ତି । ମହାମାରୀ କରୋନାକୁ ଦୃଷ୍ଟିରେ ରଖି ବସ୍ତି ବାସିନ୍ଦାଙ୍କ ଉପରେ ବେଢି ଉପରେ କୋରଡା ବୋଲି ଅଭିଯୋଗ କରିଥିଲା ପୂର୍ବ ଉପକୂଳ ପ୍ରଗତିଶୀଳ ମହିଳା ଟ୍ରଷ୍ଟ । ଏହି ସଫେଇ ଦେୟ ବୃଦ୍ଧିକୁ ଟ୍ରଷ୍ଟ ବିରୋଧ କରି ପୌର ପାଳିକା କର୍ତ୍ତୃପକ୍ଷଙ୍କୁ ଏକ ଦାବୀପତ୍ର ଦିଆଯାଇଥିଲା । ହେଲେ ପୌର ପାଳିକା କର୍ତ୍ତୃପକ୍ଷ ଏଯାଏ କୌଣସି ପଦକ୍ଷେପ ନ ନେବା ଦୁଃଖ ଓ ପରିତାପ ର ବିଷୟ ବୋଲି କହିଛନ୍ତି ମହାସଂଘର ଆବାହକ ଆଇନଜୀବୀ ଦେବବ୍ରତ ସାହୁ । ପାରାଦୀପ କ୍ଷେତ୍ରରେ ପାରାଦୀପ ବନ୍ଦର ସହର କଥା କିନ୍ତୁ ଅଲଗା । ଏଠାରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସହରବାସୀଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । କେବଳ ପରିମଳ ବ୍ୟବସ୍ଥା ରହିଛି ପାରାଦୀପ ପୌରପାଳିକା ହାତରେ । ପାରାଦୀପ ସହରର ରାସ୍ତାଘାଟର ସୌନ୍ଦର୍ଯ୍ୟକରଣ ଠାରୁ ଆରମ୍ଭ କରି ରାସ୍ତାଘାଟ ଆଲୋକୀକରଣ, ରାସ୍ତାଘାଟ ଆଦି ସଫେଇ କାର୍ଯ୍ୟ ପାରାଦୀପ ବନ୍ଦର ନିଜେ କରୁଛି । ଯନ୍ତ୍ରଚାଳିତ ଗାଡି ସାହାଯ୍ୟରେ ପାରାଦୀପ ସହରର ରାସ୍ତାଘାଟ ସଫା ହେଉଛି । ପାରାଦୀପ ପୌର ପାଳିକା କର୍ତ୍ତୃପକ୍ଷଙ୍କ ଆଖି ଏବେ ପାରାଦୀପ ସହରର ବିଭିନ୍ନ କଲୋନୀ ମାନଙ୍କ ଉପରେ । ପାରାଦୀପ ପୌର ପାଳିକାର କର୍ମଚାରୀମାନେ ଏବେ ବନ୍ଦରର କଲୋନୀ ମାନଙ୍କ ରେ ଘରକୁ ଘର ବୁଲି ଘର ପିଛା ୨୫୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି । ଯାହାକୁ ନେଇ କଲୋନୀ ବାସିନ୍ଦା ଓ ବୁଦ୍ଧିଜୀବୀ ମାନେ ପ୍ରଶ୍ନ ଉଠାଇଛନ୍ତି । ପାରାଦୀପ ସହର ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସଫେଇ ବାବଦକୁ ଅର୍ଥ ପୌର ପାଳିକାକୁ ଦେଉଥିବା ବେଳେ କଣ ପାଇଁ କଲୋନୀ ବାସିନ୍ଦାଙ୍କ ଠାରୁ ଟଙ୍କା ଆଦାୟ ହେଉଛି ସେ ନେଇ ପ୍ରଶ୍ନ ଉଠିଲାଣି । କଲୋନୀର କୌଣସି ଡ୍ରେନ୍ ସଫା ନ କରି, ମଶା ତେଲ, ବ୍ଲିଚିଂ ପାଉଡର ନ ପକାଇ, ମଶା ଧୂଆଁ ନ ଦେଇ ପାରାଦୀପ ପୌର ପାଳିକା କିଭଳି କାର୍ଯ୍ୟ କରୁଛି ତାହା ସହରର ପରିବେଶ ଦେଖିଲେ ଜଣାପଡୁଛି । ପାରାଦୀପର କଲୋନୀ ମାନଙ୍କରେ ଥିବା ବନ୍ଦର କ୍ୱାଟର ଗୁଡିକରୁ ସଫେଇ ବାବଦରେ ଟଙ୍କା ଆଦାୟ ପାଇଁ ପୌର ପାଳିକା ପକ୍ଷରୁ ପାରାଦୀପ ବନ୍ଦର ସଂପଦ ଅଧିକାରୀ ଙ୍କୁ ଚିଠି ଦିଆଯାଇଥିବା ଜଣାପଡିଛି । ଏ ପଟେ କଲୋନୀ ବାସିନ୍ଦାଙ୍କ ଠାରୁ ସଫେଇ ଦେୟ ଆଦାୟ କେତେ ସମୀଚିନ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ସାହୁ । ପାରାଦୀପ ବନ୍ଦରର ପ୍ରତି ମାସରେ ପୌର ପାଳିକାକୁ ଟଙ୍କା ହେଉଛି, ପୁଣି କଲୋନୀ ମାନଙ୍କରୁ ଟଙ୍କା ଆଦାୟ କଣ ପାଇଁ ? ପୌର ପ୍ରଶାସନ ଯଦି ଏହା ଉପରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଶ୍ରୀ ସାହୁ ଚେତାଇ ଦେଇଛନ୍ତି ।

# ମେଡିକାଲ କଲେଜ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କେନ୍ଦ୍ରାପଡ଼ା,୫।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନ ପାଇଁ ଜିଲ୍ଲାବାସୀଙ୍କ ଦାବି ଆନ୍ଦୋଳନ ଦିନକୁ ଦିନ ଜୋର ଧରିବାରେ ଲାଗିଛି । ବିଭିନ୍ନ ସଂଗଠନ ରାଜନୈତିକ ଦଳ, ବୁଦ୍ଧିଜୀବି ଗୋଷ୍ଠି, ସାହିତ୍ୟିକ, ସାମ୍ବାଦିକ ତଥା ଜନ ସାଧାରଣଙ୍କ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଧାରଣା, ଧର୍ମଘଟ ପରେ ଗୁରୁବାର ଏକ ସର୍ବ ଦଳୀୟ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ରାଜନୈତିକ ଦଳର ସହଯୋଗରେ ବହୁ ଜନ ସାଧାରଣ ଓ ନେତୃବୃନ୍ଦ ଏହି ଗଣଧାରଣାରେ ଯୋଗଦେଇ ଜିଲ୍ଲାବାସୀଙ୍କ ଏହି ନ୍ୟାର୍ଯ୍ୟ ଦାବିକୁ ଦୃଢ ସମର୍ଥନ ଜଣାଇଥିଲେ । ପଡୋଶୀ ଜିଲ୍ଲାମାନଙ୍କରେ ମେଡିକାଲ କଲେଜ ସ୍ଥାପନ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାକୁ ଅବହେଳିତ ଅବସ୍ଥାରେ ରଖିଥିବା ଅଭିଯୋଗ କରିବା ସହ ଜିଲ୍ଲାର ନିର୍ବାଚିତ ପ୍ରତିନିଧି ମାନେ ପାଟିବନ୍ଦ କରି ଚୁପ୍ ରହିବା ଓ ଜିଲ୍ଲାବାସୀଙ୍କ ସପକ୍ଷେରେ ପଦେ ନକହିବା ଅଧିକ ନିନ୍ଦନୀୟ ବୋଲି ଉପସ୍ଥିତ ବକ୍ତାମାନେ ଅଭିଯୋଗ କରିଥିଲେ । ଦଳମତ ନିର୍ବିଶେଷରେ ସମସ୍ତେ ଏହି ଦାବିପ୍ରତି ସମର୍ଥନ ଜଣାଇ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ଗଣଧାରଣାରେ ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତ, ଅଧ୍ୟାପକ ଅଜୟ ସାମଲ, ବାବାଜୀ ଧଳ, ଉମେଶ ଚନ୍ଦ୍ର ସିଂ, ନନ୍ଦ କିଶୋର ପରିଡା ଓ ଦୁର୍ଯ୍ୟୋଧନ ପରିଡା , ରମଣୀରଞ୍ଜନ ରାଉତରାୟ, ପ୍ରଫୁଲ୍ଲ କୁମାର ଦାସ, ଗୟାଧର ଧଳ, ଆଦିକନ୍ଦ ରାଉଳ, ଫକିର ଚରଣ ଖଟୁଆ, ମୁକ୍ତାର ଖାଁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ , ମହମ୍ମଦ ଆକବର ଅଲ୍ଲୀ, ନାରଦ ଚନ୍ଦ୍ର ବିଶ୍ୱାଳ, ସରୋଜରାଜ ସିଂ, ହଳଧର ସେଠୀ, ଦ୍ୱାରିକା ନାଥ ସେନାପତି, ଗୋଲଖ ଚନ୍ଦ୍ର ମହାଭୋଇ, ନିରାକାର ଜେନା, ସୋହାନା ବେଗମ, ଯସ୍ମିନ ପରୱିନ, ବାବାଜୀ ପରିଡା, ଜଗତଜୀବନ ଦାଶ, ଡଃ. ବାସୁଦେବ ଦାସ, ରାଜ କୁମାର ବିଶ୍ୱାଳ, ଭାଗିରଥୀ ଜେନା, ବିଧୁଭୂଷଣ ମହାପାତ୍ର, ବୈଷ୍ଣବ ସ୍ୱାଇଁ, ଶୁଭାଂଶୁ କୁମାର ଦାସ, ବିଦ୍ୟୁତ କୁମାର ଖୁଂଟିଆ, ସତ୍ୟପ୍ରିୟ ସାମଲ, ମଙ୍ଗୁଳି ବେହେରା ପ୍ରମୁଖ ସମ୍ବୋଧିତ କରିଥିଲେ ।

## ଦାମୋଦରପୁରରେ ଅଗ୍ନିକାଣ୍ଡ: ୩ ବଖରା ଭସ୍ମିଭୂତ

କୋରେଇ,୫।୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଅଗ୍ନିକାଣ୍ଡ ଗଟି ୩ ବଖରା ଘର ଭସ୍ମିଭୂତ ହୋଇଯାଇଛି । ନିଆଁ ଲାଗିବାର କାରଣ ଜଣାପଡିନଥିଲେ ହେଁ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ପ୍ରକାଶଯେ ଦାମୋଦରପୁର ଗ୍ରାମର ବିଷ୍ଣୁ ଚରଣ ସାହୁଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ନିଆଁର ପ୍ରକୋପ ଏତେ ଥିଲା ସେଠାକୁ ଯିବାକୁ ଗ୍ରାମବାସୀ ସାହସ ଜୁଟାଇ ପାରିନଥିଲେ । ଖବରପାଇ ଦମକଳ ବାହିନୀ ପହଂଚି ନିଆଁ ଲିଭାଇଥିଲେ ହେଁ ସେତବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା । ଫଳରେ ତିନି ବଖରା ଘର ପୋଡିବା ସହ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି । ବିପନ୍ନ ପରିବାର ନିକଟରେ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା,୫।୩ (ନି.ପ୍ର): ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ନିମ୍ନମାନର ରାସ୍ତାକାମ ଅଭିଯୋଗ

ମାଲକାନଗିରି,୫।୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ଥିତ ପଡିଆ ବ୍ଲକ ଅନ୍ତର୍ଗତ ଏମ.ପି.ଭି ୫୬ ଗ୍ରାମରେ ରାସ୍ତା କାମକୁ ନେଇ ଦେଖିବାକୁ ମିଳିଛି ଲୋକଙ୍କ ମଧ୍ୟରେ ଜନ ଅସନ୍ତୋଷ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ହେଉଥିବା ରାସ୍ତା କାମ ଅତି ନିମ୍ନ ମାନର ଓ ଖରାପ କାମ ହେଉଥିବାରୁ ଗ୍ରାମର ଲୋକମାନେ ଏକତ୍ରିତ ହୋଇ ଏହି କାମକୁ ବନ୍ଦ କରିବାର ଦେଖିବାକୁ ମିଳିଛି ।ଲୋକ ମାନଙ୍କ ଅଭିଯୋଗ ଯେ ରାସ୍ତା କାମ ଖରାପ ହେବା ସହ ନିମ୍ନମାନର ହେଉଛି । ଏହା ସହ ଅଳ୍ପ ମୋରମ ପକାଇ ରୋଲିଙ୍ଗ ଠିକ ଭାବରେ ହୋଇ ନ ଥିବାରୁ ପିଚୁ ଏବଂ ମେଟାଲ ଉଠି ଯାଉଛି । ଏହା ସହିତ ଅଳ୍ପ ପିଚୁରେ ରୋଡ଼ କାମ ସାରିଥିବା କଥା ଲୋକ ମାନେ ପ୍ରକାଶ କରିଛନ୍ତି । ଅଳ୍ପ ଓ ପତଳା ପିଚୁ ପଡ଼ିବା ହେତୁ ରାସ୍ତାରୁ ପିଚୁ ଉଠିଯିବାର ଦେଖିବାକୁ ମିଳିଛି । ଏହି କାମକୁ ଯେଉଁ ଠିକାଦାର ବା କମ୍ପାନୀ ନେଇଛି ଏଥିରେ ଛୋଟ ପିଲାଙ୍କୁ ବି କାମରେ ନିୟୋଜିତ କରାଯାଉଥିବା ଲୋକମାନେ ସିଧାସଳଖ ଅଭିଯୋଗ କରିଛନ୍ତି । ଲୋକ ମାନଙ୍କ ଅଭିଯୋଗ ଯେ ସରକାରଙ୍କ ଏତେ ଟଙ୍କାର ପ୍ରକଳ୍ପ କାହା ସ୍ୱାର୍ଥରେ ? ଯଦି ଏହା ଲୋକ ମାନଙ୍କ ସ୍ୱାର୍ଥ ପାଇଁ ତାହା ହେଲେ ଲୋକ ମାନେ ଏହାର ସଠିକ ବ୍ୟବହାର ପାଉ ନାହାଁନ୍ତି କ'ଣ ପାଇଁ ? ଏହା କ'ଣ ଠିକାଦାର ଏବଂ ବଡ଼ ବାବୁ ମାନଙ୍କ ପାଇଁ କି ? ଏହାର ଯଦି ଠିକ୍ ରୂପାୟନ ହେଇ ପାରୁ ନାହିଁ ତ ଏହା କାହା ସ୍ୱାର୍ଥରେ ଲାଗିବ ?ଏହି ସବୁ ପ୍ରଶ୍ନଗ୍ରାମବାସୀ ଗଣମାଧମ ଆଗରେ ପ୍ରକାଶ କରି ଥିଲେ ।

# ଧର୍ମ ପରାୟଣ ବ୍ୟକ୍ତିଙ୍କ ବିୟୋଗରେ ନାମଯଜ୍ଞ

ପାରାଦୀପ ,୫।୩ (ନି.ପ୍ର): ଜଗତ୍‌ସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅର୍ନ୍ତଗତ ଅଲରା ପଂଚାୟତର ମସ୍ୱାଳ(ଭଣ୍ଡାଇଲ) ଗ୍ରାମର କୂଳମଣି ପରିଡାଙ୍କ ଜ୍ୟେଷ୍ଠ ପୁତ୍ର ବାଇଧର ପରିଡାଙ୍କର ଦେହାନ୍ତରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ଉକ୍ତ ଅଂଚଳରେ ତାଙ୍କୁ ଭଲ ପାଉଥିବା ବ୍ୟକ୍ତିମାନେ ଏବଂ ଜଗତ୍‌ସିଂହପୁର ଜିଲ୍ଲା ଶାଖା ଅନନ୍ତ ଗୋପାଳ ଭକ୍ତ ସମାଜ ତରଫରୁ ତାଙ୍କର ଚତୁର୍ଦ୍ଦଶ ଦିନରେ ଆଶ୍ରମ ପରିସରରେ ତାଙ୍କ ଅମର ଅମ୍ଳାର ସଦ୍‌ଗତି ନିମନ୍ତେ ପ୍ରାତଃରୁ ପ୍ରଭୁ ଅନନ୍ତ ଗୋପାଳଙ୍କ ପୁଜାର୍ଚ୍ଚନା କରାଯାଇ ଏକ ନାମଯଜ୍ଞର ଆୟୋଜନ କରାଯାଇଥିଲା । ଏହି ନାମଯଜ୍ଞରେ ଜଗତ୍‌ସିଂହପୁର ଜିଲ୍ଲାର ଅନନ୍ତ ଗୋପାଳ ଭକ୍ତ ସମାଜ ଟୀହୁଡା, ନହରଣା(ବଇରକ), ଥାଇଲ, ହାସିମ୍‌ନଗର, ବଳେଇପରୁ, ବିଲସାହି, ପାରାଦୀପ ଓ କଟକର ଅନନ୍ତ ଗୋତ୍ରୀ ଭାଇଭଉଣୀ ମନେ ଯୋଗ ଦେଇଥିଲେ । ସେହିପରି ଅପରାହ୍ନରେ ଛତିଆବଟର ମଣିମା ଶ୍ରୀଶ୍ରୀ ପଦନ୍ନ କିଶୋର ଦେବ ତାଙ୍କର ଦୁଇପୁତ୍ର ଶ୍ରୀ ନିରନ ଦେବ ଓ ଶ୍ରୀ ବିଶ୍ୱରନ ଦେବ ଏବଂ ବରିଷ୍ଠ ସେବକ ଅଭିରାମ ଓଝା ଯୋଗ ଦେଇଥିଲେ । ସେବକ ଶ୍ରୀ ଓଝା ସ୍ମୃତି ଚାରଣରେ କହିଥିଲେ ଯେ ସ୍ୱର୍ଗତ ବାଇଧର ପରିଡା ଜଣେ ବନ୍ଧୁ ବତ୍ସଳ ଏବଂ ଅମାୟିକ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗ ଆମ ସମସ୍ତଙ୍କୁ ବଡ କଷ୍ଟ ଦେଇଛି । ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ସେ ଛତିଆବଟର କାର୍ଯ୍ୟ କରିବାରେ ନିଜକୁ ନିୟୋଜିତ କରି ରଖିଥିଲେ । ତେଣୁ ତାଙ୍କର ସେହି କାର୍ଯ୍ୟକୁ ସୁଚାରୁ ରୁପେ ତୁଲାଇ ପାରିଲେ ତାଙ୍କର ଅମର ଆମ୍ଳାର ସଦ୍‌ଗତି ହେବ । ବଟାଧିଶ ମଣୀମା ଶ୍ରୀ ପ୍ରଦ୍ୟୁମ୍ନ କିଶୋର ଦେବ ସ୍ୱର୍ଗତ ପରିଡାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ହାତଯୋଡି ବିନମ୍ରତାର ସହିତ କହିଥିଲେ ମାନବ ସମାଜ ମୋ ପରିବାର ଏଣୁ ଆପଣମାନେ ଯେକୌଣସି ଅବକାରୀ, ତମ୍ବାଖୁ ଓ ନିଶାଦ୍ରବ୍ୟ ସେବନ ଯାହା ଶରୀର ପାଇଁ କ୍ଷତି କାରକ ତାହା ସେବନ ନକରିବା ପାଇଁ ଆୟୋଜିତ ଏହି ନାମଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ରବିନ୍ଦ୍ର କ୍ଲବ ସୁରକ୍ଷାବଳୟ ନିର୍ମାଣ ପାଇଁ ବିଧାୟିକାଙ୍କୁ ଦାବିପତ୍ର

ଧର୍ମଶାଳା,୫।୩ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ ସାନବାଗସାହିସ୍ଥିତ ବହୁ ପୁରାତନ ରବିନ୍ଦ୍ର କ୍ଲବର ସୁରକ୍ଷା ବଳୟ ନିର୍ମାଣ ପାଇଁ ଆଜି ଅପରାହ୍ନରେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସଙ୍କ ମାଧ୍ୟମରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ରବିନ୍ଦ୍ର କ୍ଲବର ସଭ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଥାଉକି ଉକ୍ତ ଅନୁଷ୍ଠାନଟି ସାନବାଗସାହି ଗ୍ରାମର ଏକ ପୁରାତନ ଅନୁଷ୍ଠାନ । ଏହା ୧୯୮୩ ମସିହାରେ ପ୍ରତିଷ୍ଠା ହେବା ଦିନ ଠାରୁ ବହୁ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ଆସୁଅଛି । କିନ୍ତୁ ପରିତାପର ବିଷୟ ଏହି ଅନୁଷ୍ଠାନଟିର ଏକ ନିଜସ୍ୱ କାର୍ଯ୍ୟାଳୟ ଗୃହ ତଥା ସ୍ଥାୟୀ ପ୍ରାଚୀର ଅଭାବ କାରଣରୁ କାର୍ଯ୍ୟକ୍ରମରେ ବହୁ ଅସୁବିଧା ସୃଷ୍ଟି ହେଉଅଛି । ବିଶେଷକରି ସ୍ଥାୟୀ ସୁରକ୍ଷା ବଳୟ ଅଭାବରୁ ଗୃହପାଳିତ ପଶୁଙ୍କ ଚରାଭୂଇଁ ପାଲଟିଛି । ବହୁ ମଲ୍ୟବାନ ଗଛ ନଷ୍ଟ ହେବାକୁ ବସିଲାଣି । କ୍ଲବର ଉନ୍ନତି ଲିମନ୍ତେ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ବିଧାୟକ ପାଣ୍ଠିରୁ ଅନୁଦାନ ମଂଜୁର କରିବାକୁ କ୍ଲବର ସଭାପତି ପ୍ରମୋଦ ସାହୁ,ସମ୍ପାଦକ ବିବେକାନନ୍ଦ ଜେନା, ସନ୍ଦିପ ପାଢୀ, ବାପୁଜୀ ଜେନା, ପ୍ରଶାନ୍ତ ଜେନା, ଆଶୁତୋଷ ଦଳାଇ,ଦିପକ ସାହୁ,ମଂଟୁ ଦାସ,ପ୍ରକାଶ ସାହୁ,ବାଦଲ ଜେନା, କିଶୋର ଦଳାଇ,ପ୍ରିୟବ୍ରତ ପାଢୀ, ଦିଲ୍ଲିପ ଦାସ, ଚନ୍ଦ୍ରମଣି ବିଶ୍ୱାଳ, ନିଶିକାନ୍ତ ସାମଲ,ଚନ୍ଦ୍ରକାନ୍ତ ଭୂୟାଁ ଓ ସୁଶାନ୍ତ କବି ପ୍ରମୁଖ ଏକ ଦାବିପତ୍ର ବରୀ ବିଜେଡି ସଂଯୋଜକ ଶ୍ରୀ ଦାସଙ୍କ ପ୍ରଦାନ କରିଛନ୍ତି ।

## ମୋନିକା ଯୋଶୀ ମୃତ୍ୟୁ ମାମଲା

# ଆତ୍ମହତ୍ୟା କରିଥିବା ନେଇ ସ୍ପଷ୍ଟ କଲେ ଝାରସୁଗୁଡା ଏସପି

ଝାରସୁଗୁଡା ,୫।୩ (ନି.ପ୍ର): ମୋନିକା ଯୋଶୀ ମୃତ୍ୟୁ ମାମଲାର ରହସ୍ୟ ଉନ୍ମୋଚନ କଲା ବ୍ରଜରାଜନଗର ପୁଲିସ । ଆଜି ଝାରସୁଗୁଡା ଏସପି ଏକ ସାମ୍ବାଦିକ ସମ୍ମିଳନୀ କରି ମୋନିକା ଯୋଶୀ ଆତ୍ମହତ୍ୟା କରିଥିବା ନେଇ ସ୍ପଷ୍ଟ କରିଛନ୍ତି ।ଗତ ୧୦ତାରିଖ ଇବ୍ ଷ୍ଟେସନ ପାଖରେ ବ୍ରଜରାଜନଗର କଲେଜ ଛାତ୍ରୀ ମୋନିକାଙ୍କର ଶବ ରେଳଧାରଣାରୁ ଉଦ୍ଧାର କରାଯାଇଥିଲା । ତେବେ ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରାଯାଇଥିଲେ ହେଁ ସପ୍ତାହକ ମଧ୍ୟରେ ବିଶେଷ ଅଗ୍ରଗତି ହୋଇପାରି ନ ଥିଲା । ଅନ୍ୟ ପକ୍ଷରେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ପରିବାର ସହିତ ସ୍ଥାନୀୟ ଲୋକ ଅଭିଯୋଗ ପରେ ବ୍ରଜରାଜନଗର ପୋଲିସ ମାମଲା ନିଜ ହାତକୁ ନେଉ ବୋଲି ଦାବି ହୋଇଥିଲା । ପରେ ପରିବାର ଲୋକେ ବ୍ରଜରାଜନଗର ଥାନାରେ ଏକ ମାମଲା ରୁଜୁ କରିବା ପରେ କେସ ନମ୍ବର ୪୭/୨୧ରେ ଆଇପିସି ଧାରା ୩୦୨/୩୬୪ ରେ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇ ଥିଲା ବ୍ରଜରାଜନଗର ପୋଲିସ । ଗତ ୧୦ ତାରିଖ ଦିନ ବ୍ରଜରାଜନଗର କ୍ୟାମ୍ପସ ଛକ ରେ ରହୁଥିବା ମୋନିକା ଯୋଶୀଙ୍କ ମୃତଦେହ ଇବ୍ ଷ୍ଟେସନ ଅଳ୍ପ ଦୂରରେ ରେଳ ଧାରଣା କଡ଼ରୁ ମିଳିଥିଲା । ବ୍ରଜରାଜନଗର ପୋଲିସ ମୋନିକାଙ୍କ ମୃତ୍ୟୁ ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜ କୁ ଦେଖି ମୋନିକା ୧୦ ତାରିଖ ଦିନ ଦୁର୍ଗ - ରାଜେନ୍ଦ୍ରନଗର ଟ୍ରେନ୍ ?ରେ ଚଢ଼ି ଝାରସୁଗୁଡା ଦିଗରେ ଯାଇଥିବା ଜଣାପଡ଼ିଛି । ତେବେ ସେ ଟ୍ରେନରୁ ପଡ଼ି ମୃତ୍ୟୁ ଘଟିଥିବା ଏକପ୍ରକାର ସ୍ପଷ୍ଟ ହୋଇଥିବା ଝାରସୁଗୁଡା ଏସପି ପ୍ରକାଶ କରିଛି । ଅନ୍ୟପଟେ ମୋନିକାଙ୍କ ଘରୁ ଏକ ସୁଇସାଇଡ଼ାଲ ନୋଟ ସହ ତାଙ୍କ ମୋବାଇଲ ମଧ ଜବତ କରାଯାଇଛି ବୋଲି ଏସପି କହିଛନ୍ତି ।

# କଲେଜ ଛକରୁ ତହସିଲ ଅଫିସ ପର୍ଯ୍ୟନ୍ତ ରାସ୍ତା କାହାର ?

ଭୁବନ,୫।୩ (ନି.ପ୍ର): ୧୯୯୯ ମସିହାରେ ତତ୍କାଳୀନ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ଡା.ଦେବେନ୍ଦ୍ର ପ୍ରଧାନ ଙ୍କ ସୁପାରିଶ କ୍ରମେ ଭୁବନ ସହର ଦେଇ ଯାଇଥିବା ୨୦ ନମ୍ବର ରାଜ୍ୟ ରାଜପଥ ୨୦୦ ନମ୍ବର ଜାତୀୟ ରାଜପଥ ଭାବେ ପରିବର୍ତ୍ତନ ହୋଇଥିଲା । ପରେ ୨୦୦ ନମ୍ବର ବଦଳରେ ଏହା ୫୩ ନମ୍ବର ଜାତୀୟ ରାଜପଥ ଭାବେ ନାମକରଣ ହୋଇଥିଲା । ଏହି ରାସ୍ତାଟି ଚଣ୍ଡିଖୋଲ ଠାରୁ କନକତୋରା ପର୍ଯ୍ୟନ୍ତ ଲମ୍ବିଛି । ୨ ବର୍ଷ ପୂର୍ବେ ଏହି ୫୩ ନମ୍ବର ଜାତୀୟ ରାଜପଥରେ ୪ ଟିକିଆ ରାସ୍ତା କାମ ଆରମ୍ଭ ହୋଇଛି । ଭୁବନର ପ୍ରବେଶ ପଥ ଅନନ୍ତପୁର ଛକରୁ କାଳୀବଜାର ଦେଇ ଥାନାଛକ ପର୍ଯ୍ୟନ୍ତ ସମୁଦାୟ ୮ କିମି ରାସ୍ତା ମରଣଯନ୍ତା ପାଲଟିଛି । ବାଜିରାଉତ କଲେଜ ଛକ ଠାରୁ ମାତ୍ର ଶହେ ମିଟର ଦୂରରେ ୪ ଟିକିଆ ରାସ୍ତାର ବାଇପାସ ରୋଡ କରାଯାଇଛି । ଏହି ବାଇପାସ ରାସ୍ତାଟି ନୀଳମାଧବ ପେଟ୍ରୋଲ ପମ୍ପ ନିକଟରୁ ବାହାରି ତହସିଲ ଅଫିସ ସମ୍ମୁଖରେ ପହଁଚିଛି । ବର୍ତମାନ ଏହି ବାଇପାସ ରାସ୍ତାରେ କାଁ ଭାଁ ଗାଡି ଚଳାଚଳ କରୁଥିବା ବେଳେ କାଳୀବଜାର ମଧଯୟ ଦେଇ ଦୈନିକ ଶତାଧିକ କୋଇଲା ବୋଝେଇ ଟ୍ରକ ସମେତ ରାସ୍ତା କାମରେ ନିୟୋଜିତ ହାଇୱା ଗାଡି ଓ ବାଲି ଗାଡି ଚଳାଚଳ କରୁଥିବାରୁ ରାସ୍ତାରେ ଆଣ୍ଠୁଏରୁ ଅଣ୍ଟେ ଲେଖାଏଁ ଖାଲସୃଷ୍ଟି ହୋଇ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି । କଲେଜଛକ ଠାରୁ କାଳୀବଜାର ଦେଇ ତହସିଲ ଅଫିସ ୪ କିମି ରାସ୍ତା ଏନଏଚଏଆଇ ବିଭାଗ ପୂର୍ତବିଭାଗକୁ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରିଥିବା କୁହାଯାଉଥିବା ବେଳେ ବାଇପାସ ରୋଡ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ଗାଡିଚଳାଚଳ କଲାପରେ ପୂର୍ତବିଭାଗ ଏହି ରାସ୍ତା ମରାମତି କରିବ ବୋଲି କହୁଛି । ବର୍ତମାନ ଯେହେତୁ ଏହି ରାସ୍ତାରେ ଏନଏଚ ଠିକା କାର୍ଯ୍ୟ କରୁଥିବା ବାଲାଜୀ କନଷ୍ଟ୍ରକସନ କମ୍ପାନୀର ପର୍ଯ୍ୟାପ୍ତ ଗାଡି ଚଳାଚଳ କରୁଛି ଓ ସମୟସୀମା ଅବଧି ଶେଷ ପରେ ମଧ ବାଇପାସ ରାସ୍ତା ସଂପୂର୍ଣ୍ଣ ହୋଇପାରୁନାହିଁ ସେଥିପାଇଁ କଲେଜ ଛକ ରୁ ତହସିଲ ଅଫିସ ପର୍ଯ୍ୟନ୍ତ ରାସ୍ତାକୁ ମରାମତି କରିବାକୁ ଠିକା ସଂସ୍ଥା ଓ ଏନଏଚ କର୍ତୃପକ୍ଷଙ୍କୁ ବାରମ୍ବାର କୁହାଯିବା ସହ ତାଗିଦ ମଧ କରାଯାଉଛି,ହେଲେ ସେମାନେ ଶୁଣୁନାହାନ୍ତି,ଗାଲୁଆମୀ କରୁଛନ୍ତି ବୋଲି ତହସିଲଦାର ପ୍ରଭାସ କୁମାର ବେହୁରା ସୂଚନା ଦେବା ସହିତ ଅକ୍ଷମତା ପ୍ରକାଶ କରୁଛନ୍ତି । ଏହି ରାସ୍ତାକୁ ନା ପୂର୍ତବିଭାଗ ମରାମତି କରୁଛି ନା ଏନଏଚ ବିଭାଗ ମରାମତି କରିବା ନାଁ ଧରୁଛି । ତେଣୁ ସ୍ୱାଭାବିକ ଭାବେ ଏହି ରାସ୍ତାଟି ପ୍ରକୃତରେ କାହାର ବୋଲି ଜନସାଧାରଣ ଓ ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରୁଛନ୍ତି । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି । ଅନୁରୂପ ଭାବେ ସାଂସଦ ମହେଶ ସାହୁ ମଧ ଏହି ୪ ଟିକିଆ ରାସ୍ତା ସଂପର୍କରେ ସଂସଦରେ ସ୍ୱର ଉତୋଳନ କରିବାକୁ ବୁଦ୍ଧିଜୀବୀ ମହଲ ମତ ଦେଇଛନ୍ତି ।

# କୋର୍ଟ ପରିସରରେ ମିଳୁନି ପାନୀୟଜଳ : ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା,୫।୩ (ନି.ପ୍ର): କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପ୍ଲେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି ।

# ପଶ୍ଚିମବଙ୍ଗରେ ନିର୍ବାଚନ ନ ଲଢ଼ି ମମତାଙ୍କୁ ସମର୍ଥନ କରିବ ଶିବସେନା

ଦିଲ୍ଲୀ,୫।୩ (ନି.ପ୍ର): ଶିବସେନା ମୁଖପାତ୍ର ସଂଜୟ ରାଉତ ଗୁରୁତବାର ଦିନ ସ୍ପଷ୍ଟ କରିଛନ୍ତି ଯେ, ସେ ପଶ୍ଚିମବଙ୍ଗ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ନାହିଁ । କିନ୍ତୁ ରାଜ୍ୟରେ ମମତା ବାନାର୍ଜୀଙ୍କୁ ସମର୍ଥନ କରିବେ । ସେ କହିଛନ୍ତି ଯେ, ଶିବସେନା ପଶ୍ଚିମବଙ୍ଗରେ ନିର୍ବାଚନ ଲଢ଼ିବ କି ନାହିଁ ତାହା ଜାଣିବାକୁ ଲୋକମାନେ ଆଗ୍ରହୀ । କିନ୍ତୁ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଦଳ ନିଷ୍ପତି ନେଇଛି ଯେ ଆମେ ନିର୍ବାଚନ ଲଢ଼ିବୁ ନାହିଁ । ପଶ୍ଚିମବଙ୍ଗରେ ମମତା ଦିଦିଙ୍କ ସହ ଛିଡ଼ା ହେବେ । ସଂଜୟ ରାଉତ କହିଛନ୍ତି ଯେ, ମମତା ବାନାର୍ଜୀଙ୍କ କୌଣସି ପ୍ରାର୍ଥୀଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିବା ଆମର ଉଦ୍ଦେଶ୍ୟ ନୁହେଁ । ସେ କେନ୍ଦ୍ରରେ ମୋଦି ସରକାରଙ୍କୁ ଆକ୍ରମଣ କରି କହିଛନ୍ତି ଯେ, ମମତା ବାନାର୍ଜୀଙ୍କ ବିରୁଦ୍ଧରେ ସମସ୍ ପ୍ରକାର ଅର୍ଥ, ଶକ୍ତି ଏବଂ ଗଣମାଧ୍ୟମ ବ୍ୟବହାର କରାଯାଉଛି । ତେଣୁ ଶିବସେନା ମମତା ବାନାର୍ଜୀଙ୍କୁ ସମର୍ଥନ କରିବାକୁ ନିଷ୍ପତି ନେଇଛନ୍ତି । ସେ କହିଛନ୍ତି ଯେ, ମମତା ବାନାର୍ଜୀଙ୍କ ବିଜୟ ପାଇଁ ସେ ପ୍ରାର୍ଥନା କରିବେ । ବାନାର୍ଜୀ ହେଉଛି ପଶ୍ଚିମବଙ୍ଗର ପ୍ରକୃତ ବାଘ । ଏହା ପୂର୍ବରୁ ଜାନୁଆରୀ ମାସରେ ସେ ଘୋଷଣା କରିଥିଲେ ଯେ, ତାଙ୍କ ଦଳ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବ, କିନ୍ତୁ ବର୍ତମାନ ଦଳ ସ୍ପଷ୍ଟ କରିଛି ଯେ ପଶ୍ଚିମବଙ୍ଗରେ ପ୍ରତିଦ୍ୱନ୍ଦିତା କରିବ ନାହିଁ ।

# ପାରାଦ୍ୱୀପ ବନ୍ଦର ପକ୍ଷରୁ ୫୦ତମ ଜାତୀୟ ସୁରକ୍ଷା ସପ୍ତାହର ଶୁଭାରମ୍ଭ

ପାରାଦ୍ୱୀପ ,୫।୩ (ନି.ପ୍ର): ପାରାଦ୍ୱୀପ ବନ୍ଦର ପକ୍ଷରୁ ୫୦ତମ ଜାତୀୟ ସୁରକ୍ଷା ସପ୍ତାହ ଉତ୍ସବ ମାର୍ଚ୍ଚ ୪ତାରିଖ ରେ ଉଦ୍‌ଘାଟିତ ହୋଇଯାଇଛି । 'ବିପର୍ଯ୍ୟୟରୁ ଶିକ୍ଷା ଏବଂ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ପସ୍ତୁତ ' ବିଷୟବସ୍ତୁକୁ ନେଇ ଏହି ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ବନ୍ଦରର ୪ନମ୍ବର ଫାଟକ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ଏ.କେ.ବୋଷ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ।




ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଡକ୍ ସେଫ୍ଟି ର ଅତିରିକ୍ତ ନିର୍ଦ୍ଦେଶକ ବି.ଗୋପିନାଥ, ବନ୍ଦର ସିଏମ୍‌ଇ ସରୋଜ କୁମାର ଦାସ ଙ୍କ ସମେତ ବନ୍ଦରର ଉଚ୍ଚପଦାଧିକାରୀ ମାନେ ଉପସ୍ଥିତ ଥିଲେ । ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ବନ୍ଦର ନିଷିଦ୍ଧାଞ୍ଚଳରେ କର୍ମଚାରୀ ଓ ଶ୍ରମିକମାନେ କିପରି ସୁରକ୍ଷା ନିୟମ ମାନି ଚାଲିବେ, ସେ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ବନ୍ଦର ସୁରକ୍ଷା ଅଧିକାରୀ ପି.କେ.କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାର ଭଙ୍ଗା....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଚୀନର ଟୀକାକରଣକୁ ବଙ୍ଗଳାଦେଶ ଅଗ୍ରାହ୍ୟ କରିବା ପରେ ଚୀନର ସରକାର ମନେ ମନେ କ୍ଷୁବ୍ଧ ହୋଇ ମ୍ୟାନମାର ସେନା ମାଧ୍ୟମରେ ଆଗାମୀ ଦିନରେ ଅଶାନ୍ତି ସୃଷ୍ଟି ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ । ମ୍ୟାନମାର ସେନା ଦ୍ୱାରା ଭାରତ ଓ ବଙ୍ଗଳାଦେଶକୁ ନିୟନ୍ତ୍ରଣ କରିବାକୁ ଚୀନ ସରକାର ଚାହୁଁଛନ୍ତି । ଅପରପକ୍ଷେ ଦୀର୍ଘ ୬୦ବର୍ଷ ଧରି ଚୀନର ଅଖଣ୍ଡ ପ୍ରଭାବ ଭିତରେ ରହି ମୁଣ୍ଡଟେକି ପାରୁନଥିବା ମ୍ୟାନମାରକୁ ପୁଣିଥରେ ନିଜ ହାତବାରିସୀ କରିବାକୁ ଚୀନ ସରକାର ଚାହୁଁଛି । କାରଣ ସାମ୍ୟବାଦୀ ବିଚାର ସାରା ପୃଥିବୀରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଘୃଣା କରିଆସିଛି,ନଷ୍ଟ କରିଆସିଛି । ମ୍ୟାନମାର ମାଧ୍ୟମରେ ଉଭୟ ଭାରତ ଓ ବଙ୍ଗଳାଦେଶକୁ ଚୀନ ନାଲିଆଖି ଦେଖାଇବା ପାଇଁ ଲକ୍ଷ୍ୟ ରଖିଛି । ଚୀନ ଓ ଭାରତର ଅନ୍ୟ ଏକ ଛୋଟ ପଡୋଶୀ ରାଷ୍ଟ୍ର ଭୁଟାନ । ବିଶ୍ୱରେ ଏହି ରାଷ୍ଟ୍ରରେ ଲୋକଙ୍କୁ ଅଧିକ ଖୁସିଥିବାର କୁହାଯାଏ । କିନ୍ତୁ ଶାନ୍ତିପ୍ରିୟ ରାଷ୍ଟ୍ର ଭୁଟାନ ଆଜିଯାଏ ପଡୋଶୀ ରାଷ୍ଟ୍ର ଚୀନ ସହ କୌଣସି ପ୍ରକାର କୂଟନୀତିକ ସଂପର୍କ ରଖିନାହିଁ, ଯାହା ଚୀନ ପାଇଁ ଅସହ୍ୟବୋଧ ହୋଇଛି । ବିଗତ ଦିନରେ ଭାରତ, ଭୁଟାନ, ଚୀନ ସୀମା ନିକଟବର୍ତ୍ତୀ ଡୋକଲାମଠାରେ ଚୀନର ସେନାଙ୍କ ଅନୁପ୍ରବେଶ ଯୋଗୁ ଦୀର୍ଘଦିନଯାଏ ଉଭୟ ଭାରତ ଓ ଚୀନର ସେନାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେତେବେଳେ ଡୋକଲାମକୁ ଆଧାର କରି ଚୀନ ସରକାର ଭୁଟାନ ଉପରେ ଚାପ ପ୍ରୟୋଗ କରିବାକୁ ଚାହିଁଥିଲେ । ଭୁଟାନ ଏକ ସ୍ଥଳଭାଗ ଘେରା ରାଷ୍ଟ୍ର ହୋଇଥିବାରୁ ସୁରକ୍ଷା, ବାଣିଜ୍ୟ,ଚିକିତ୍ସା ସେବା ପରି ଅନେକ କ୍ଷେତ୍ରରେ ଭାରତ ଉପରେ ନିର୍ଭରଶୀଳ । ହିମାଳୟ ପାଦଦେଶରେ ଥିବା ଏହି ଛୋଟ ରାଷ୍ଟ୍ର ଭୁଟାନରେ ଏବେ ଶାସନଗତ ଅସ୍ଥିରତା ସୃଷ୍ଟି କରି ବର୍ତ୍ତମାନର ସରକାରକୁ କ୍ଷମତାଚ୍ୟୁତ କରିବାକୁ ନିକଟରେ ଯେଉଁ ଷଡଯନ୍ତ୍ର ହୋଇଥିଲା ତା ପଛରେ ଚୀନର ଯୋଜନା ରହିଥିବା ସନ୍ଦେହ କରାଯାଉଛି । ୨୦୦୮ରୁ ଭୁଟାନରେ ନିର୍ବାଚିତ ଗଣତାନ୍ତ୍ରିକ ସରକାର କାର୍ଯ୍ୟ କରିଆସୁଛି । ଭାରତ ପ୍ରତି ଅଧିକ ଶ୍ରଦ୍ଧା ରଖିଥିବା ଏହି ସରକାରକୁ ହଟାଇ ଏକ ହାତବାରିସୀ ସରକାର ସ୍ଥାପନ କରିବା ହେଉଛି ଚୀନର ଅସଲ ଉଦ୍ଦେଶ୍ୟ । ସ୍ଥାନୀୟ କ୍ୱେନସେଲ ସମ୍ବାଦପତ୍ର ଅନୁଯାୟୀ ୧୭ଫେବୃଆରୀ ୨୦୨୧ରେ ତିନି ଜଣ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଛି, ଯେଉଁମାନେ ଭୁଟାନ ସେନାଧ୍ୟକ୍ଷ ବାଟୁ ସେରିଙ୍ଗଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ତାଙ୍କୁ ପଦଚ୍ୟୁତ କରିଥାନ୍ତେ । ପୂର୍ବରୁ ଖାଣ୍ଡୁ ଓ୍ୱାଙ୍ଗମୋ ନାମକ ଜଣେ ମହିଳା ଗିରଫ ହେବାପରେ ଏହି ଷଡଯନ୍ତ୍ର ବିଷୟରେ ସୂଚନା ମିଳିଥିଲା । ତାଙ୍କୁ ଜଣେ ବ୍ରିଗେଡିଅର ବ୍ୟବହାର କରୁଥିବା ନେଇ ସେ ପ୍ରକାଶ କରିଥିଲେ । ରୟାଲ ଭୁଟାନ ଗାର୍ଡର ପୂର୍ବତନ ବ୍ରିଗେଡିଅର ଥିନଲେ ଡୋବଗେ ଏହି ଷଡଯନ୍ତ୍ର କରିଥିଲେ । ଏହି ଷଡଯନ୍ତ୍ରରେ ସୁପ୍ରିମକୋର୍ଟ ବିଚାରପତି କୁଏନଲେ ସେରିଙ୍ଗ ଏବଂ ୟେସେ ଦୋର୍ଜିଙ୍କୁ ପୋଲିସ ଅଟକ ରଖିଥିଲା । ପୂର୍ବରୁ ଡୋବଗେଙ୍କୁ ଅଟକ ରଖାଯାଇଥିଲା । ଏମାନେ ଦେଶରେ ଶାସନଗତ ଅସ୍ଥିରତା ସୃଷ୍ଟି କରିଥାନ୍ତେ ବୋଲି କୁହାଯାଉଛି । ଯୋଜନା ମୁତାବକ ମହିଳା ଜଣକ ସେନାମୁଖ୍ୟଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମିଥ୍ୟା ଅଭିଯୋଗ ଆଣିଥାଆନ୍ତେ । ଉକ୍ତ ମାମଲାର ବିଚାର କରି ଏହି ବିଚାରପତିମାନେ ସେନାମୁଖ୍ୟଙ୍କୁ ପଦବୀରୁ ହଟାଇଥାନ୍ତେ । ଭୁଟାନରେ ଏପ୍ରକାର ଘଟଣା ପ୍ରଥମଥର ପାଇଁ ହୋଇଥିଲେ ମଧ ଏହା ପଛରେ ଚୀନର ଷଡଯନ୍ତ୍ର ରହିଥିବା ନେଇ ସନ୍ଦେହ କରାଯାଉଛି । ଲଦ୍ଦାଖରେ ନଅମାସ ଧରି ଭାରତୀୟ ସେନାକୁ ନାଲିଆଖି ଦେଖାଇବାକୁ ବସି ରହିବା ପରେ ଅଧିକ ସେନାଙ୍କୁ ହରାଇ ଦେଶ ଭିତରେ କଠୋର ସମାଲୋଚନାର ସମ୍ମୁଖୀନ ହୋଇଥିବା ଜିନ୍‌ପିଙ୍ଗ୍ ସରକାର ଏବେ ତିନିଜଣ ସାମ୍ବାଦିକଙ୍କୁ ଗିରଫ କରିଛନ୍ତି । ଏମାନେ ଚୀନା ସେନାଙ୍କ ମୃତ୍ୟୁସଂଖ୍ୟା ନେଇ ସରକାରଙ୍କ ତଥ୍ୟ ଲୁଚାଇବାକୁ ସମାଲୋଚନା କରିଥିଲେ । ଭାରତ ସୀମାରେ ଅଧିକ କିଛି କରିନପାରି ପାଖ ପଡୋଶୀ ଛୋଟ ରାଷ୍ଟ୍ରଗୁଡିକରେ ଅସ୍ଥିରତା ଆଣି ଭାରତ ବିରୋଧୀ ବାତାବରଣ ସୃଷ୍ଟି ପାଇଁ ଚୀନ ସରକାର ଏବେ ବିଧିବଦ୍ଧ ଷଡଯନ୍ତ୍ର ଚଳାଇଛନ୍ତି । ସେ ଦୃଷ୍ଟିରୁ ଭାରତ ସରକାର ଏବଂ ଗୁଇନ୍ଦା ବାହିନୀ ଚୀନ ସରକାରଙ୍କ ଗତିବିଧି ନେଇ ସତର୍କ ରହିବା ଆବଶ୍ୟକ । ବିଶ୍ୱ ସମୁଦାୟ ଚୀନର ଏ ପ୍ରକାର ଘୃଣ୍ୟ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ଦରକାର ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

## ବିଜ୍ଞ ବିଚାର....

(ପୃଷ୍ଠା ୫ର ଅବଶିଷ୍ଟାଂଶ)

କାରଣ, ଇଏ ଦଶବର୍ଷ ବୟସରୁ ଚୋରି-ଡକାୟତି ଆରମ୍ଭ କରିଥିଲେ ମଧ ନିଜର ବିଚକ୍ଷଣ ବୁଦ୍ଧିଯୋଗୁଁ ପଚାଶ ବର୍ଷ ବୟସ୍କ ହେବାପର୍ଯ୍ୟନ୍ତ ଆମରାଜ୍ୟର ଚତୁର ଏବଂ ସକ୍ଷମ ଅପରାଧ ନିରାକଣ ଅଧିକାରୀମାନଙ୍କଠାରୁ ନିଜକୁ ନିରାପଦ ରଖିପାରିଥିଲେ ।

ଦ୍ୱିତୀୟରେ,କାରାଗାରରେ ଥିବା ସମୟରେ ଦଣ୍ଡ ସଂହିତା ଅନୁସାରେ ବନ୍ଦୀ ମାନଙ୍କ ଯେଉଁସବୁ କାର୍ଯ୍ୟ ସମ୍ପାଦନ କରିବା ଅତିରିକ୍ତ କାରାଗାର ଅଧିକାରୀମାନଙ୍କର ଅସାଧୁ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣଦୃଷ୍ଟି ରଖିଥିଲେ ବୋଲି ତାଙ୍କ ଉତ୍ତରରୁ ସ୍ପଷ୍ଟ ହେଉଛି ।

ତୃତୀୟରେ, ତାଙ୍କପ୍ରତି ଆପଣଙ୍କ ମନରେ ଦୟାଭାବ ଜାଗ୍ରତ ହେଇଛି ବୋଲି ଜାଣିବା ପରେ ସେ ତହିଁରୁ ଫାଇଦା ଉଠାଇ ବାକିଜୀବନ ସୁରୁଖୁରୁରେ ଚଳିଯିବାର ସୁଯୋଗକୁ ଗ୍ରହଣ ନକରିବା ତାଙ୍କର ମାନସିକ ପରିବର୍ତ୍ତନର ପ୍ରମାଣ ଦେବାସହ ସେ ତାଙ୍କର ଅଭିଜ୍ଞତାକୁ ରାଷ୍ଟ୍ରହିତ ପାଇଁ ବିନିଯୋଗ କରିବାକୁ ଚାହୁଁଛନ୍ତି ବୋଲି ଜଣାଇଦେଇଛି ।

ସବୁଠାରୁ ବଡ଼କଥା ହେଲା, ଏ ବୟସରେ ମଧ ତାଙ୍କ ଭିତରେ କାର୍ଯ୍ୟକରିବାପାଇଁ ପର୍ଯ୍ୟାପ୍ତ ପରିମାଣର ଯୁବସୁଲଭ ମାନସିକ ସାମର୍ଥ୍ୟ ରହିଛି । ସର୍ବୋପରି, ତାଙ୍କୁ ଭଲକରି ଜଣାଅଛି ଯେ ସେ ବର୍ତ୍ତମାନ ବୟସର ଯେଉଁ ସୋପାନରେ ଠିଆହେଇଛନ୍ତି ସେଇଠି ଜଣେ ଉତ୍ତମ ବ୍ୟକ୍ତି ସମ୍ମୁଖରେ ଦୁଇଟି ଉତ୍ତମ ବିକଳ୍ପ ରହିଥାଏ । ପ୍ରଥମଟି ହେଲା, ମୃତ୍ୟୁ ପୂର୍ବରୁ କିଛି ମହତ କାମ କରିବା ଏବଂ ଅନ୍ୟଟି ହେଲା, ସମାଜ ଭିତରେ ଲାଂଛିତ ହେଇ ବଞ୍ଚିବା ଅପେକ୍ଷା ରାଜାଙ୍କ ହାତରୁ ମୃତ୍ୟୁ ଲାଭ କରି ଜୀବନ ଜଞ୍ଜାଳରୁ ମୁକ୍ତି ପାଇଯିବା । ସେଥିପାଇଁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେଲାବେଳେ ସେ ସମ୍ପୂର୍ଣ୍ଣ ଭୟମୁକ୍ତ ଥିଲେ ।"

ମନ୍ତ୍ରୀଙ୍କ ବ୍ୟାଖ୍ୟା ଓ ବିଜ୍ଞ ବିଚାରରେ ଅତ୍ୟନ୍ତ ପ୍ରୀତ ହେଇ ତାଙ୍କ କଥା ଶେଷ ହେବାମାତ୍ରେ ରାଜା ସେଇବ୍ୟକ୍ତି ଜଣଙ୍କୁ ରାଜ୍ୟର ସମନ୍ୱିତ କାରାଗାର ନିରୀକ୍ଷଣ ଅଧିକାରୀ ଭାବେ ନିଯୁକ୍ତ କରିବା ସହ ତାଙ୍କ ପାଇଁ ବାସଭବନ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗର ସୁବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ ।

+ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ-୩୧
ମୋ-୯୯୩୭୫୪୮୪୩୧/ ୯୪୩୮୬୭୦୧୨୦

## ଜାତୀୟ ନିରାପତ୍ତା ଓ ସୁରକ୍ଷା ଦିବସ ପାଳିତ



ଧାମନଗର,୦୫/୦୩ (ନି.ପ୍ର): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ନିରାପତ୍ତା ଓ ସୁରକ୍ଷା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ଅପନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମୁରଲିଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କମିଟି କର୍ମକର୍ତ୍ତା ଓ ଛାତ୍ର- ଛାତ୍ରୀ ମାନେ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିରେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ଶିକ୍ଷାକମିଟି ସଭାପତି ସେକ୍ ଜାଫର ଅଲ୍ଲୀ, ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ପ୍ରାଣବନ୍ଧୁ ନାୟକ, ସସ୍ମିତା ଦାସ, ଅଭିମନ୍ୟୁ ଶଙ୍ଖୁଆ, ବଟକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ । ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସେହିପରି ଧୂଷୁରୀ ମୁରଲିଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ନିରାପତା ଓ ସୁରକ୍ଷା ଦିବସ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧୂଷୁରୀ କ୍ଲଷ୍ଟର ସିଆରସିସି ତୃପ୍ତି ରଂଜନ ବିଶ୍ୱାଳ, ଶିକ୍ଷକ ଅଶୋକ କୁମାର ଦାସ, ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ସ୍ମୃତିରଂଜନ ଦାସ ସାଇସିପ୍ରା ମହାପାତ୍ର, ହରପ୍ରିୟା ପଣ୍ଡା, ସଂଜିତ କୁମାର ବାରିକ, ସ୍ନେହାରାଣୀ ନାୟକ, ତୁଳସି ତରାଇଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଖାଲଡେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ କଳସ ଶୋଭାଯାତ୍ରା



ବାଲିଆପାଳ,୦୫/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ଖାଲଡିହା ଗ୍ରାମରେ ଆଜି ବାବା ଖାଲଡେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହହି ଅବସରରେ ଆଜି ସକାଳ ଗ୍ରାମବାସୀମାନେ ସ୍ଥାନୀୟ କୋଷ୍ଟ କେନାଲ ନିକଟରେ ସମବେତତ ହୋଇଥିଲେ । ସେଠାରେ ପୂଜା ର୍ଚ୍ଚନା ।ପରେ ୧୦୮ ଜଣ ମହିଳା ।ସୁସଜ୍ଜିତ କଳସରେ ପାଣି ମୁଣ୍ଡାଇ ଏକ ଶୋଭାଯାତ୍ରାରରେ ବିଗ୍ରହସ୍ଥଳୀୁ ଆସି ମହହାଦେବଙ୍କକ ଉପରେ ଜଳାଭିଷେକ କରିଥିଲେ । ଦିବସ ବ୍ୟାପି ସେଠାରେ ହୋମ ଯଜ୍ଞ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମା ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମଧ ହୋଇଥିଲା । ସନ୍ଧ୍ୟାରେ ପ୍ରସାଦ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗ୍ରାମମୁଖ୍ୟ ଶିଶିର କୁମାର ନାୟକ, ଝାଡେଶ୍ୱର ପ୍ରଧାନ, ତ୍ରିଲୋଚନ ମୁଖୀ,କମଳାକାନ୍ତ ଦଳାଇ, ବଳରାମ ଦଳାଇ,ଗୋପାଳ ଦାସ, ରବୀନ୍ଦ୍ର ଜେନା, ରବୀନ୍ଦ୍ର ବାଗସିଂ, ବିଦ୍ୟାଧର ରାଉତ, ସୃଷ୍ଟିଧର ବେହେରା, ଅଜୟ ମୁଖୀ,ରବୀନ୍ଦ୍ର ବାଗାସିଂ, ହେମନ୍ତ ଦଳାାଇ, ସୁଶାନ୍ତ ଦଳାଇ, ପ୍ରଫୁଲ୍ଲ ବାଗସିଂ, ସୁରେଶ ବାଗସିଂ, କାର୍ତ୍ତୀକ ଦଳାଇ, ବିଶ୍ୱଜିତ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ....

ଖାଲି ସେତିକି ନୁହେଁ ରାଜନୈତିକ ଅଭିସନ୍ଧି ରଖି ୪୨ ଜଣ ମୁସଲିମ ସଂପ୍ରଦାୟର ଲୋକଙ୍କୁ ପ୍ରାର୍ଥୀ କରିଛି ତୃଣମୂଳ କଂଗ୍ରେସ । ମୋଟ ୨୯୪ ଆସନରୁ ୨୯୧ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିଲେ ବି ଉତ୍ତର ବଙ୍ଗଳାର ୩ ଆସନରେ ଟିଏମସି ପ୍ରତିଦ୍ୱନ୍ଦିତା କରିବ ନାହିଁ ବୋଲି ଜଣାପଡିଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥର ଭବାନୀପୁର ଆସନ ଛାଡି ନନ୍ଦୀଗ୍ରାମ ଆସନରୁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି । ପ୍ରାର୍ଥୀପତ୍ର ଘୋଷଣା ନେଇ ମମତା ବାନାର୍ଜୀ କରିଥିବା ସାମ୍ବାଦିକ ସମ୍ମିଳନୀରେ ମମତା କହିଛନ୍ତି କି ଭବାନୀପୁର ଆସନରୁ ସୋମଦେବ ଭଟ୍ଟାଚାର୍ଯ୍ୟ ପ୍ରାର୍ଥୀ ହେବେ । ଏହାସହ ଏଥର ନିର୍ବାଚନ ଜିତିଲେ ରାଜ୍ୟରେ ବିଧାନପରିଷଦ ବନାଇବେ । ଏହି ନିର୍ବାଚନରେ ଯେଉଁ ନେତାମାନେ ପ୍ରାର୍ଥୀ ହୋଇପାରି ନାହାନ୍ତି ସେମାନଙ୍କୁ ବିଧାନପରିଷଦରେ ଥଇଥାନ କରାଯିବ । କହିରଖୁ କି କେନ୍ଦ୍ର ନିର୍ବାଚନ କମିଶନଙ୍କ ସୂଚନା ମୁତାବକ ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗରେ ଏଥର ୮ ଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ମାର୍ଚ୍ଚ ୨୭ ତାରିଖରେ ୩୦ ଆସନ ପାଇଁ , ଏପ୍ରିଲ ୧ରେ ୩୦, ଏପ୍ରିଲ ୬ରେ ୩୧, ଏପ୍ରିଲ ୧୦ ରେ ୪୪, ଏପ୍ରିଲ ୧୭ ରେ ୪୫, ଏପ୍ରିଲ ୨୨ ରେ ୪୩, ଏପ୍ରିଲ ୨୬ ରେ ୩୬ ଓ ଏପ୍ରିଲ ୨୯ ରେ ୩୫ ଟି ଆସନରୁ ମତଦାନ ଗ୍ରହଣ କରାଯିବ । ଏହାପରେ ମେ' ୨ ତାରିଖରେ ଫଳାଫଳ ଘୋଷଣା କରାଯିବ । ସୂଚନା ଥାଉକି, ମମତା ବାନାର୍ଜୀ ଦୀର୍ଘ ୧୦ ବର୍ଷ ହେବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପଦରେ ରହିଛନ୍ତି । ହେଲେ ଏଥର ପ୍ରଥମଥର ପାଇଁ ବିଜେପି ମମତାଙ୍କୁ କଡା ଟକ୍କର ଦେଉଛି । ବିଜେପିର ହିନ୍ଦୁତ୍ୱ ରାଜନୀତିକୁ ଜବାବ୍ ଦେବାକୁ ମମତା ଶିବରାତ୍ରୀ ଦିନ ନନ୍ଦୀଗ୍ରାମରୁ ନାମାଙ୍କନପତ୍ର ଦାଖଲ କରିପାରନ୍ତି ।

### ଅନୁଭବ-ବର୍ଷା ପାରିବାରିକ....

ମଧ ଅନୁରୋଧ କରାଯାଇଥିଲା । ଏପରିକି ଯଥାଶୀଘ୍ର ଶୁଣାଣି ଆରମ୍ଭ କରିବା ପାଇଁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା । ପରବର୍ତ୍ତୀ ତାରିଖରେ କଟକ ଫ୍ୟାମିଲି କୋର୍ଟରେ ମାମଲାର ଶୁଣାଣି ହେବ । ମାମଲାର ତ୍ୱରିତ ବିଚାର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଅନୁଭବଙ୍କ ଓକିଲ ଅଶ୍ୱୀନି ଦୁବେ । ଏହି ବହୁ ଚର୍ଚ୍ଚିତ ଷ୍ଟାର କପଲଙ୍କ ଭିତରେ ପାରିବାରିକ ବିବାଦ ରହିଆସିଛି । ପତ୍ନୀ ବର୍ଷାଙ୍କୁ ଛାଡପତ୍ର ଦେବାପାଇଁ ପ୍ରଥମେ ଦିଲ୍ଲୀର ପଟିଆଲା ହାଉସକୋର୍ଟରେ ଆବେଦନ କରିଥିଲେ ଅଭିନେତା ତଥା ବିଜେଡି ସାଂସଦ ଅନୁଭବ ମହାନ୍ତି । ଏହାପରେ ଭରଣ ପୋଷଣ ପାଇଁ କଟକ ଫ୍ୟାମିଲି କୋର୍ଟ ଯାଇଥିଲେ ବର୍ଷା । ପରେ ଦିଲ୍ଲୀ ପଟିଆଲା ହାଉସକୋର୍ଟରେ ହୋଇଥିବା ମାମଲାକୁ କଟକ ଫ୍ୟାମିଲିକୋର୍ଟ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ଯାଇଥିଲେ ବର୍ଷା । ଆଜି ଏହି ମାମଲାର ଶୁଣାଣି କରି କଟକକୁ ମାମଲା ସ୍ଥାନାନ୍ତର କରିଛନ୍ତି ।

### ଅଭିନେତା ସୁଶାନ୍ତ ସିଂ ରାଜପୁତ୍....

ମୁଖ୍ୟ ଅଭିଯୁକ୍ତ ଭାବେ ନେଇଛି ଏନସିବି । ଜବତ୍ ହୋଇଥିବା ଡ୍ରଗ୍ସ, ଇଲେକ୍ଟ୍ରୋନିକ୍ସ ଉପକରଣ ରିପୋର୍ଟ, ଫୋରେନସିକ୍ ରିପୋର୍ଟ, ସାକ୍ଷୀଙ୍କ ବୟାନ ଆଧାରରେ ଏହି ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଛି । ଚାର୍ଜସିଟ୍ ସହ ୫୦ ହଜାର ପୃଷ୍ଠାର ଡିଜିଟାଲ ପ୍ରମାଣ ବି ଯୋଡା ଯାଇଛି । ଚାର୍ଜସିଟ୍ରେ ପାଖା ପାଖି ୨୦୦ ସାକ୍ଷୀଙ୍କ ବୟାନ ରହିଛି ।

### ଶ୍ରୀମନ୍ଦିର ବିକାଶ ପାଇଁ ....

ମହାପ୍ରଭୁ ଶ୍ରୀଜଗନ୍ନାଥ ଲୋକଙ୍କ ଦେବତା । ପ୍ରତି ବ୍ୟକ୍ତିର ହୃଦୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ । ତେଣୁ ସମଗ୍ର ହିନ୍ଦୁ ସମାଜ ଓ ସାଢେ ୪ କୋଟି ଓଡିଆଙ୍କ ମନରେ ମହାପ୍ରଭୁଙ୍କ କାମରେ ସହଯୋଗ କରିବା ନେଇ ଅଦମ୍ୟ ଉତ୍ସାହ ରହିଛି । ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଏହି ବିଶାଳ ଧନ ସଂଗ୍ରହ ଅଭିଯାନର ସହଯୋଗର ପ୍ରକ୍ରିୟାକୁ ଜନଆନ୍ଦୋଳନ ଭାବରେ ପରିଣତ କରିବା ଏବଂ ଲୋକଙ୍କୁ ଏଥିରେ ଭାଗିଦାରୀ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଅନୁରୋଧ କରିଛନ୍ତି ।

## ସେବା ଓ ସ୍ୱାଭିମାନ ଥିଲା ବିଜୁ ବାବୁଙ୍କ ଆଦର୍ଶ : ନବୀନ ପଟ୍ଟନାୟକ

ଭୁବନେଶ୍ୱର,୦୫/୦୩ (ନି.ପ୍ର): ସେବା ଓ ସ୍ୱାଭିମାନ ଥିଲା ବିଜୁ ବାବୁଙ୍କ ଆଦର୍ଶ । ସେ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟକୁ ସାମଗ୍ରିକ ବିକାଶପଥରେ ଆଗେଇ ନେବାପାଇଁ ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ରାଜ୍ୟ ବିଜେଡି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ,ହି ଆହ୍ୱାନ ଦେଇଛନ୍ତି । ସେ କହିଥିଲେ ଯେ ଏହି ଆଦର୍ଶରେ ନେତା କର୍ମୀମାନେ କାମ କରୁଛନ୍ତି । ତାଙ୍କର ଆଦର୍ଶ , ନୀତି ଓ ଚିନ୍ତାଧାର ପ୍ରତିଟି କ୍ଷେତ୍ରରେ ପ୍ରତିଫଳିତ ହୋଇପାରିଛି । ଓଡିଶାକୁ ବିକାଶ ଶୀର୍ଷରେ ପଂଚାଇବା ଲକ୍ଷ୍ୟ ଓ ସ୍ୱାଭିମାନର ସୁରକ୍ଷା ପାଇଁ ଲଢେଇ ଜାରି ରହିବ । ଗାଁରବିକାଶ ଆମ ପାଇଁ ସବୁଠାରୁ ବଡ ପୁରସ୍କାର । ଗାଁ କଚ୍ଚା ଘର ପକ୍କା ହେଉଛି, ପାଣି, ବିଜୁଳି ରେ ଘର ଉଜ୍ଜ୍ୱଳ ଦିଶୁଛି । ସେତେବେଳେ ତା ମୁହଁରେ ହସ ଆସୁଛି । ଏହା ଆମ ପାଇଁ ବଡ଼ ପୁରସ୍କାର । ମାଆ ଯେବେ ପଂଚୟତ ଘରେ ବସି ବିକାଶ କଥା ଚିନ୍ତା କରୁଛି, ମିଶନ ଶକ୍ତି ମା ଯେବେ ଋଣ ଆଣି ବେପାର କରି ତା ପରିବାର ସମୃଦ୍ଧି ଆଣିଛି, ସେଠାରେ ବିକାଶର ଚିତ୍ର ଉଜ୍ଜ୍ୱଳ ଦିଶୁଛି । ସରକାରୀ ସ୍କୁଲ ପିଲାଙ୍କ ପାଇଁ ମେଡିକାଲ ଓ ଇଂଜିନିୟରିଂରେ ସୁଯୋଗ ସୃଷ୍ଟି ହେଉଛି । ଯୁବ ସମାଜ ସ୍ୱପ୍ନ ସାକାର ହେଉଛି । ବିଜୁ ବାବୁଙ୍କ ଆଦର୍ଶ ଓ ଚିନ୍ତାରେ ପରିପ୍ରକାଶ ହେଉଛି । ଆହୁରି ବାଟ ଆଗକୁ ଯିବାକୁ ଅଛି । ହେଲେ ଆହୁରି ଅଧିକ କାମ କରିବାକୁ ହେବ । ଆସନ୍ତୁ ମିଳିମିଶି ତାଙ୍କ ମାର୍ଗରେ ସେବା କରିବାକୁ ସଂକଳ୍ପ ନେବା । ଓଡ଼ିଶା ସ୍ୱାଭିମାନ ପାଇଁ କାମ କରିବା ବୋଲି ସେ ଆହ୍ୱାନ ଜଣାଇଛନ୍ତି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସ୍ଥିତ ଫରେଷ୍ଟ ପାର୍କ ଯାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଗୋଟିଏ ଦିନରେ ୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୫/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୭୬୨୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୪୮୩୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୮୧୨ ରହିଛି । ଆଜି ଚିହ୍ନଟ ହୋଇଥିବା ୯୧ ଜଣଙ୍କ ମଧ୍ୟରୁ ୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରେ ସବୁଠାରୁ ଅଧିକ ୧୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରେ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୧ ତଥା ଓ ବୌଦ୍ଧ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରୁ ୧ ଓ ଦେବଗଡ ଜିଲ୍ଲାର ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁରରୁ ୨, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ, କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୧୦ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରେ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡା ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସମ୍ବଲପୁରରୁ ୧୪ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍‌ପୁଲ୍‌ରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

## ମାଖନପୁରରେ ବ୍ଲକ ସ୍ତରୀୟ ବିଜୁ ଜୟନ୍ତୀ

ଖଇରା,୦୫/୦୩ (ନି.ପ୍ର): ବିଜୁ ବାବୁ ଥିଲେ ଅଦ୍ୱିତୀୟ । ଓଡିଶାରେ ଶିଳ୍ପ ପ୍ରତିଷ୍ଠାରେ ମଧ୍ୟ ତାଙ୍କର ମୁଖ୍ୟ ଭୂମିକା ଥିଲା । ଇଣ୍ଡୋନେସିଆ ରେ ସୁକର୍ଣ୍ଣଙ୍କ ସୁରକ୍ଷା ହେଉକି ରୁଷ ବା ନେପାଳ ରେ ପ୍ରଜା ଆନ୍ଦୋଳନ ହେଉ ବିଦେଶ ମାଟିରେ ତାଙ୍କର ଅଲିଭା କିର୍ତ୍ତୀ ରହିଛି । ଏଣୁ ତାଙ୍କ ପାଇଁ ଓଡିଶା ବାହାରେ ପରିଚିତ ହୋଇ ପାରିଥିଲା ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ଠାରେ ଆୟୋଜିତ ବିଜୁ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ସମାରୋହରେ ଯୋଗ ଦେଇଥିବା ବକ୍ତା ମାନେ ଆଲୋକପାତ କରିଛନ୍ତି । ବିଜେଡି ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଜିଲା ବିଜେଡି ସଭାପତି ରବିନ୍ଦ୍ର କୁମାର ଜେନା,ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ,ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ଛାତ୍ର ଜନତା ସଭାପତି ମାନସ ଦାସ,ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ,ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା,ସୁଷମା ମହାପାତ୍ର,କଳ୍ପନା ନାଇକ ଓ ଲୋପାମୁଦ୍ରା ଧର,ପଞ୍ଚାୟତ ସଭାପତି ଅନାଦି ରଞ୍ଜନ ଦାସ,ସମିତି ସଭ୍ୟା ଜୟନ୍ତୀ ପାଣି,ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ଦାସ, ଲକ୍ଷ୍ମିଧର ସ୍ୱାଇଁ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । ଫଟୋ-ବିଜୁ ଜୟନ୍ତୀ ସମାରୋହରେ ମନ୍ତ୍ରୀ ପାଣିଗ୍ରାହୀଙ୍କ ଅବିଭାଷଣ ମିଶନ ମାଖନପୁର-ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ ଅବସରରେ ମାଖନପୁର ପଞ୍ଚାୟତ ସରପଞ୍ଚ ପଦବୀ ବହୁ ବର୍ଷଧରି ହାତ ଛଡା ହୋଇ ରହିଥିବାରୁ ଏଥର ମିଶନ ମାଖନପୁର ମାଧ୍ୟମରେ ଏହି ପଞ୍ଚାୟତକୁ ବିଜେଡି ଦଖଲ କରିବ ।

## ପଞ୍ଚାୟତରାଜ ଦିବସ ପାଳନ ଅବସରରେ 'ମୋ ଚାଟଶାଳୀ' କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଉଦ୍‌ଘାଟନୀ ଉତ୍ସବ

ଉଦଳା,୦୫/୦୩ (ନି.ପ୍ର): ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଞ୍ଚ' ତରଫରୁ ଆଜି ମାର୍ଚ୍ଚ ୫ ତାରିଖ ଶୁକ୍ରବାର ଦିନ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଭଣ୍ଡଗାଁ ଠାରେ ପଞ୍ଚାୟତରାଜ ଦିବସ ପାଳନ ଅବସରରେ 'ମୋ ଚାଟଶାଳୀ' କାର୍ଯ୍ୟକ୍ରମର ବ୍ଲକ ସ୍ତରୀୟ ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଗୋପିନାଥ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଦେଶ ଗଠନରେ ବିଜୁ ପଟ୍ଟନାୟକଙ୍କ ଭୂମିକା କିପରି ଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ 'ମୋ ଚାଟଶାଳୀ'



ଲୋଗକୁ ସମସ୍ତେ ହାତରେ ଧରି କରତାଳି ଦେଇ ବ୍ଲକ ସ୍ତରୀୟ ଉଦ୍‌ଘାଟନ ହେଲା ବୋଲି ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ 'ଜନଜାଗୃତି ମଞ୍ଚ'ର ଟିମ ଲିଡ଼ର ଗଦାଧର ଦାଶ ଓ ଜନସାଥି ସୁବ୍ରତ କୁମାର ମହାନ୍ତି ଯୋଗ ଦେଇ 'ମୋ ଚାଟଶାଳୀ' କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଓ ଏଥିରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ମାନଙ୍କର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହିତ କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ମଞ୍ଚର ଗୋପବନ୍ଧୁନଗର ବ୍ଲକ ସଂଯୋଜକ ଗୌତମ ମହାପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜନସାଥି ନିରୁପମା ଦାସ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ଭଦ୍ରକରେ ସେରା ସପ୍ତାହରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ଭଦ୍ରକ,୦୫/୦୩ (ନି.ପ୍ର): ସେରା ସପ୍ତାହ ବୈଷୟିକ ଶକ୍ତି ଓ ପରିବେଶ ନେତୃତ୍ୱ ପୁରସ୍କାର ଗ୍ରହଣ ଓ ପ୍ରଧାନମନ୍ତ୍ରୀଙ୍କ ଦୀକ୍ଷାନ୍ତ ଅଭିଭାଷଣ ନେଇ ଭଦ୍ରକରେ ଏକ ସମାବେଶ କରାଯାଇଛି । ସମଗ୍ର ଭାରତ ବର୍ଷରେ ମାର୍ଚ୍ଚ ୧ ତାରିଖରୁ ସେରା ସପ୍ତାହ ଆରମ୍ଭ ହୋଇଛି । ବିଭିନ୍ନ ପେଟ୍ରୋଲ ପମ୍ପମାନଙ୍କରେ ସମାବେଶର ଆୟୋଜନ କରାଯାଇ ଭର୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦି ଏବଂ ପେଟ୍ରୋଲିୟମ ମନ୍ତ୍ର ଧର୍ମେନ୍ଦ୍ର ପ୍ରଧାନ ସମାବେଶକୁ ଉଦ୍‌ବୋଧନ ଦେଇଛନ୍ତି । ଦେଶର ବୈଷୟିକ ଶକ୍ତି ଏବଂ ପରିବେଶ ନେତୃତ୍ୱ ସମ୍ପର୍କୀତ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ସନ୍ଧ୍ୟା ୬ଟାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ଭଦ୍ରକ ନୂଆବଜାର ସ୍ଥିତ ବର୍ଷା ଫୁଏଲ ପମ୍ପ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବହୁ ବୁଦ୍ଧିଜୀବୀ, ଜନସାଧାରଣ, ମୋଦି ସମର୍ଥକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ହେମନ୍ତ ପାଢୀ, ଶରତ ପଢିଆରୀ, ଶ୍ରୀହର୍ଷ ସ୍ୱାଇଁ, କଳ୍ପନା ଜେନା, ଶଶିକାନ୍ତ ବିଶ୍ୱାଳ, ଦୁର୍ଗା ପ୍ରସନ୍ନ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୁବନେତା ସୂର୍ଯ୍ୟବଂଶୀ ସୂରଜ ଓ ଦେବାଂଶୁ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ମୟୂରଭଞ୍ଜ: ଜିଲ୍ଲା ପରିଷଦ ଦଶମ ବୈଠକ ଅନୁଷ୍ଠିତ

ବାରିପଦା,୦୫/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପରିଷଦର ଦଶମ ବୈଠକ ତା.୦୪.୦୨.୨୦୨୧ ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନ୍ଫରେନ୍ସିଂ ହଲ ବାରିପଦା ଜିଲ୍ଲା ସ୍ତରରୁ ଭିଡିଓ କନ୍ଫରେସିଂ ଜରିଆରେ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ କାର୍ଯ୍ୟାଳୟରେ ଥିବା ଭିଡିଓ କନ୍ଫରେସିଂ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସୁଜାତା ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ପରିଷଦର ଦଶମ ବୈଠକରେ ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମୋରଡା ବିଧାୟକ ରାଜକିଶୋର ଦାସ, ସାରସକଣା ବିଧାୟକ ବୁଢାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ପରିଷଦ ଉପାଧକ୍ଷ ନରେନ୍ଦ୍ର ସାହୁ, ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ମୟୂରଭଞ୍ଜ, ବିନୀତ୍ ଭରଦ୍ୱାଜ୍ ଭାପ୍ରସେ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ମୟୂରଭଞ୍ଜ ଭୁବେଶ କୁମାର ନାୟକ, ଡିଆରଡିଏ ଏପିଡି ପ୍ରମୁଖ ସମେତ ଜିଲ୍ଲା ପରିଷଦର ସଦସ୍ୟ/ସଦସ୍ୟା, ପଂଚାୟତ ସମିତର ଅଧ୍ୟକ୍ଷ / ଅଧ୍ୟକ୍ଷା, ବିଭିନ୍ନ ସରକାରୀ ଲାଇନ ବିଭାଗ ପଦାଧିକାରୀ ଯୋଗଦେଇ ଜିଲ୍ଲା ପରିଷଦ ଅଧିନସ୍ଥ ବିଷୟ ବିଭିନ୍ନ ବିଭାଗ ଯୋଜନାରେ କାର୍ଯ୍ୟକାରୀ କରାଯାଇଉଥିବା ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାରୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ମତପୋଷଣ କରିଥଲେ। ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ମୁର୍ମୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରାରମ୍ଭରେ ସାରସକଣା ୫୬ ନମ୍ବର ଜୋନ୍‌ର ସଦସ୍ୟ ସ୍ୱର୍ଗତ ଭୁବନେଶ୍ୱର ମହାନ୍ତ ଙ୍କ ଅକାଳ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ପରେ ଉକ୍ତ ଜୋନ୍‌ରୁ ନବ ନିର୍ବାଚିତ ସଦସ୍ୟ ତୁଷାରେନ୍ଦୁ ଶେଖର ମହାନ୍ତ ଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାପାଳ ଶପଥପାଠ କରାଇଥିଲେ। ତତ୍‌ପରେ ଜିଲ୍ଲାପାଳ ସ୍ୱାଗତ ଜଣାଇ ଦେଶରେ ସଂପ୍ରତି ଆମ ଦେଶର କେତେକ ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରିକରାଯାଇଥିବା କୋଭିଡ୍ ମାର୍ଗଦର୍ଶିକା ପାଳନ କରି ସମସ୍ତେ ସତର୍କତା ଅବଲମ୍ବନ ପୂର୍ବକ ସଜାଗ ରହିବାକୁ ପରାର୍ମଶ ଦେଇଥିଲେ ।

## ରାସ୍ତାପାର୍ଶ୍ୱରୁ ଉଠାଦୋକାନୀ ଉଚ୍ଛେଦର ପ୍ରତିବାଦ

# ବିଜୁ ଜୟନ୍ତୀରେ ପଥ ବିକ୍ରେତା ସଂଘର ପ୍ରତୀକ ଗଣଧାରଣା




ବାଲେଶ୍ୱର,୦୫/୦୩ (ନି.ପ୍ର): ରାସ୍ତାପର୍ଶ୍ୱରୁ ଉଠା ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ କରାଉଥିବା ବେଆଇନ ଉଚ୍ଛେଦକୁ ବିରୋଧ କରି ପଥ ବିକ୍ରେତା ସଂଘ ପକ୍ଷରୁ ଶୁକ୍ରବାର ପ୍ରତୀକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଉଠାଦୋକାନୀଙ୍କ ଜୀବିକା ସୁରକ୍ଷା ଦାବିରେ ସଂଘ ପକ୍ଷରୁ ସହରର ସିନେମା ଛକସ୍ଥିତ ଶହୀଦ ପାର୍କଠାରେ ଗଣଧାରଣା ଦିଆଯାଇଥିଲା। ପଥ ବିକ୍ରେତା ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ଜିଲା ଉପ-ସଭାପତି ଆବିଦ ଖାଁ, ସମ୍ପାଦକ ମୋହିନୀ ମୋହନ ପରିଡ଼ା ପ୍ରମୁଖ ଏଥିରେ ଯୋଗଦେଇ ପଥ ବିକ୍ରେତା ଆଇନ-୨୦୧୪କୁ ଅବଜ୍ଞା କରି ବାଲେଶ୍ୱର ପୌର ପ୍ରଶାସନ ରାସ୍ତା ପାର୍ଶ୍ୱ ଉଠା ଦୋକାନୀଙ୍କୁ ଉଚ୍ଛେଦ କରୁଛନ୍ତି ବୋଲି ଆରୋପ ଉଠାଇଥିଲେ। ୨୦୧୪ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ବାଲେଶ୍ୱର ସହରରେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ କରିବା ଓ ଜୀବିକା ନିର୍ବାହ ପାଇଁ ଅନ୍ୟତ୍ର ଜାଗା ଦେବାକୁ ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ବି ପୌର କର୍ତ୍ତୃପକ୍ଷ ଅବମାନନା କରି ଚାଲିଛନ୍ତି ବୋଲି ସେମାନେ କହିଥିଲେ। ଏହା ବିରୋଧରେ ଆସନ୍ତା ୮ ତାରିଖ ସୋମବାର ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ସମସ୍ତ ଉଠା ଦୋକାନ ରଖିବା ସହ ବିଶାଳ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରାଯିବା ନେଇ ନିଷ୍ପତି ନିଆଯାଇଥିବା ସଂଘର ସଭାପତି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅଭିରାମ ବାରିକ, ରାମଚନ୍ଦ୍ର ପରିଡ଼ା, ଟିପିର ସିଂ, ପବନ କୁମାର ପଟ୍ଟନାୟକ, ଆଦିଲ ଅଲି, ଦୀନବନ୍ଧୁ ସାହୁ, ମନୋଜ ରାଠୋର ପ୍ରମୁଖ ଏହି ପ୍ରତୀକ ଗଣଧାରଣାର ନେତୃତ୍ୱ ନେଇଥିଲେ।

# 'ରାନ୍ଧିଆ ମୋ ସେବା କେନ୍ଦ୍ର' ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ



ଭଦ୍ରକ,୦୫/୦୩ (ନି.ପ୍ର): ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଇଁ ମୋ ସେବା କେନ୍ଦ୍ର ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାର ରାନ୍ଧିଆ ପଞ୍ଚାୟତରେ ରାନ୍ଧିଆ ମୋ ସେବା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଲୋକାର୍ପଣ କରିଛନ୍ତି। ଏଥି ସହିତ ସେବା କେନ୍ଦ୍ରରୁ ପ୍ରଥମ ଉପଭୋକ୍ତା ଭାବେ ଭଦ୍ରକ ଚରମ୍ପା ବରାଳପୋଖରୀର ଜଣେ ଝିଅ ଗୀତାରାଣି ସେଠୀ, ତାଙ୍କର ହଜି ଯାଇଥିବା ମାଟ୍ରିକ ସାର୍ଟିଫିକେଟ ପୁନର୍ବାର ବୋର୍ଡରୁ ପାଇବା ନିମନ୍ତେ ଆବେଦନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୀତାରାଣିଙ୍କ ସହିତ ଭର୍ଚୁଆଲ ମୋଡ୍‌ରେ କଥା ହୋଇଥିଲେ। ରାନ୍ଧିଆ ମୋ ସେବା କେନ୍ଦ୍ରର ଗ୍ରାମ୍ୟ ସ୍ତରୀୟ ପ୍ରଦ୍ୟୋଗୀ ସୌମ୍ୟ ରଂଜନ ମହାପାତ୍ର କେନ୍ଦ୍ର ଦାୟିତ୍ୱରେ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ, ଜିଲ୍ଲାପାଳ ଡ. ଜ୍ଞା ଦାସ, ଭଦ୍ରକ ବ୍ଲକ ଅଧକ୍ଷ ରଘୁନାଥ ଧଳ ପ୍ରମୁଖ ଯୋଗ ଦେଇଥିଲେ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ



ବାଲେଶ୍ୱର,୦୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ-୨୦୨୧ ଜିଲା ପରିଷଦ ସଭାଗୃହରେ ଶୁକ୍ରବାର ପାଳିତ ହୋଇଯାଇଛି । ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସାହସିକତା ଏବଂ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରିତାରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାର ସୁଫଳ ପାଇବା ପାଇଁ ଗ୍ରାମାଞ୍ଚଳରେ ଜନ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରଡ଼ା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାର ଉପାଦେୟତା ଓ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତି ସମ୍ପର୍କରେ ଆଲୋଚନା କରିଥିଲେ। ଖାସ ପଞ୍ଚାୟତିରାଜ ବ୍ୟବସ୍ଥାର ସଫଳ ରୂପାୟନ ଯୋଗୁଁ ଦୁଇ ଦଶନ୍ଧି ପୂର୍ବର ଓଡ଼ିଶାର ଗ୍ରାମଞ୍ଚଳ ଚିତ୍ରରେ ବିରାଟ ପରିବର୍ତ୍ତନ ଆସିପାରିଛି ବୋଲି ସେମାନେ କହିଥିଲେ । ବିଶେଷ ଅତିଥି ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ପଞ୍ଚାୟତିରାଜ ବ୍ୟବସ୍ଥା, ସର୍ବଶିକ୍ଷା ଅଭିଯାନ ଦ୍ୱାରା ଆହୁରି ସୁଦୃଢ ହୋଇ ପାରିଥିବା ମତପୋଷଣ କରିଥିଲେ। ଏହି ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ବିଶେଷ କରି ଓଡିଶାର ଜିଲ୍ଲା ସଂଖ୍ୟାକୁ ୩୦ରେ ପହଞ୍ଚାଇବା ପାଇଁ ଯେଉଁ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତି ନେଇଥିଲେ ତାହାର ଉପାଦେୟତା ଆଜି ସମସ୍ତେ ଅନୁଭବ କରୁଛନ୍ତି ବୋଲି ଶ୍ରୀ ଦାସ କହିଥିଲେ ।

# ନିର୍ମାଣାଧିନ ରେଳ ଓଭରବ୍ରିଜ୍ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୫/୩ (ନିପ୍ର) : ଜଳେଶ୍ୱର ନୂଆବଜାରସ୍ଥିତ ନିର୍ମାଣାଧିନ ରେଳ ଓଭରବ୍ରିଜ୍ (୪୫)ରେ ରେଳବାଇ ଠିକାଦାର ପକ୍ଷରୁ କାର୍ଯ୍ୟରତ ଜନୈକ ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି । ଶ୍ରମିକ ଜଣକ ଦୀର୍ଘ ଦେଢବର୍ଷ ଧରି ଠିକାଦାର ନିକଟର ରହି କାର୍ଯ୍ୟକରି ଆସୁଥିଲା । ଆଜି ସେ କାର୍ଯ୍ୟକରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇ ଆସିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ଘର ପଶ୍ଚିମବଂଗର ପଶ୍ଚିମମେଦିନୀପୁର ଜିଲାର ରାନପୁରା ଗ୍ରାମର ଅଂଗଜ ମଣ୍ଡଳ (୫୩) ବୋଲି ହସ୍‌ପିଟାଲ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପାଇଁ କୌଣସି ସେଫ୍ଟି ବେଲ୍ଟ ଓ ସେଫ୍ଟି ଡ୍ରେସ୍ ନଥିବା ବେଳେ କମ୍ପାନୀ ଆଇନ୍ ଅନୁଯାୟୀ ଶ୍ରମିକ ମାନଙ୍କ ଲାଗି ସେପରି କୌଣସି ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି । ଏପରିକି ବିପଦଜନକ ଅବସ୍ଥାରେ ଟାଣ ଖରାରେ ଖାଲି ଦେହରେ ଶ୍ରକିମମାନେ କାର୍ଯ୍ୟକରୁଥିବା ଦେଖିବାକୁ ମିଳୁଛି। କାର୍ଯ୍ୟସ୍ଥଳୀରେ କୌଣସି ପଦାଧିକାରୀ ରହୁନଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଅଂଚଳବାସୀମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେଥିପ୍ରତି ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି । ଏପରିକି ସେଠାରେ ରେଳ କଣ୍ଟ୍ରାକ୍ଟର ହେଡଲୋଡିଂ ମାଧ୍ୟମରେ କଂକ୍ରିଟ କରୁଥିବା ନିମ୍ନମାନର କାର୍ଯ୍ୟର ସୂଚନା ଦେଉଥିବା ସ୍ଥାନୀୟ କେତେକ ଲୋକେ ଅଭିଯୋଗ କରିଛନ୍ତି । କେତେକେ ଏହାକୁ ଅଂଶୁଘାତ ବୋଲି କହୁଥିବା ବେଳେ କେତେକେ ଏହାକୁ ହୃଦ୍‌ଘାତ କିମ୍ବା କେତେକେ ଏହାକୁ ବ୍ରିଜ୍ ଉପରୁ ତଳକୁ ଠେଲି ଯୋଜନାବଦ୍ଧଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ଜଳେଶ୍ୱର ଥାନାରେ ଅଭିଯୋଗ କରା ନ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଧାମନଗର ବ୍ଲକ କଂଗ୍ରେସ ସଭାପତି ଭାବେ ଅଭିଷେକ ରାଉତ ନିଯୁକ୍ତ



ଧାମନଗର,୦୫/୦୩ (ନି.ପ୍ର): ଧାମନଗର ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଯୁବନେତା ଅଭିଷେକ ରାଉତଙ୍କୁ ପ୍ରଦେଶ କଂଗ୍ରେସ କମିଟି ତରଫରୁ ନିଯୁକ୍ତି ମିଳିଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସନେତା ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଏକମାତ୍ର ପୁତ୍ର ଅଭିଷେକ ରାଉତ ଏହାପୁର୍ବରୁ ରାଜ୍ୟ କଂଗ୍ରେସ ପଛୁଆବର୍ଗ ସେଲର ଉପାଧକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଭାବେ ସ୍ୱର୍ଗତ ରାଉତ ବହୁ ଉନ୍ନତ୍ତିମୂଳକ ଓ ଜନହିତକର କାର୍ଯ୍ୟ କରିଥିବାବେଳେ ତାଙ୍କର ପୁତ୍ର ଅଭିଷେକ ରାଉତଙ୍କୁ ଧାମନଗର ମାଟିର ସେବାରେ ନିଜକୁ ନିୟୋଜିତ କରିବାପାଇଁ ସେ ଋହୁଁଥିଲେ। ବିଗତ କିଛିବର୍ଷହେବ ଭଦ୍ରକ ଜିଲ୍ଲା ତଥା ଧାମନଗର ଅଞ୍ଚଳରେ ଅଭିଷେକ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଆସୁଥିବାବେଳେ କଂଗ୍ରେସ କର୍ମୀମାନେ ତାଙ୍କୁ ଧାମନଗର କଂଗ୍ରେସର ମଙ୍ଗ ଧରିବାପାଇଁ ଅନୁରୋଧ କରିଥିଲେ।

# ମାଟିବୋଝେଇ ଟ୍ରାକ୍ଟର ଧକ୍କାରେ ବୃଦ୍ଧା ମୃତ : ଘଟଣାସ୍ଥଳରେ ଉତ୍ତେଜନା

ବାଲିଆପାଳ,୦୫/୦୩ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ ସିମୁଳିଆ-ଲଙ୍ଗଳେଶ୍ୱର ରାସ୍ତାର ବାସୁଦେବେପୁର ଛକ ନିକଟରେ ଆଜି ଏକ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଜନୈକା ବୃଦ୍ଧାଙ୍କର ମୃତ୍ୟୁ ହୋଇଛି ।ମୃତା ବୃଦ୍ଧା ଜଣଙ୍କ ହେଲେ ନାଡବଣି ଗ୍ରାମର ବିଜୟ ଦାସଙ୍କ ପତ୍ନୀ ଜୟନ୍ତୀ ଦାସ (୫୮) ।ଆଜି ସନ୍ଧ୍ୟାରେ ଏହି ଦମ୍ପତ୍ତି ଏକ ଲୁନା ବାଇକରେ ନିଜର ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ ।ବାସୁଦେବପୁର ଛକ ଠାରୁ କିଛି ଦୂରରେ ବିପରୀତ ଦିଗରୁ ଦୃତଗତିରେ ଆସୁଥିବା ଏକ ମାଟି ଟ୍ରାକ୍ଟର ତାଙ୍କୁ ଧକ୍କାଦେଇଥିଲା ।ଉଭୟ ଗାଡିରୁ ପଡିଯାଇଥିଲା ବେଳେ ଟ୍ରାକ୍ଟର ଚକଟି ବୃଦ୍ଧାଙ୍କ ଉପରେ ମାଡିଯାଇଥିଲା । ଦୁର୍ଘଟଣା ଘଟାଇ ଟ୍ରାକ୍ଟରରଟି ଦୃତଗତିରେ ଦେଉଳା ଅଭିମୁଖେ ପଳାଇଯାଇଥିଲା । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ବୃଦ୍ଧାଜଣଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହହି ଘଟଣାକୁ କେନ୍ଦ୍ର କରି ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା ।ଦୀର୍ଘ ତିନିମାସ ଧରିଦେଉଳା ପଞ୍ଚାୟତରେ ମାଟି ମାଫିଆମାନେ ଶହ ଶହ ଟ୍ରାକ୍ଟର ମାଟି ଉଠାଇ ବେପାର କରୁଛନ୍ତି। ଏହି ଟ୍ରାକ୍ଟର ଗୁଡିକ ବେପରୁଆ ଭାବେ ଗାଡି ଚଳାଉଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି । ରାଜସ୍ୱ ବିଭାଗ ଏହି ବେଆଇନ ମାଟି କାରବାର ଉପରେ ରୋକ ଲଗାଇବା ପାଇଁ ଗ୍ରାମବାସୀ ଦାବିକରିଛନ୍ତି ।

## ବ୍ଲକ ସ୍ତରୀୟ ପଂଚାୟତରାଜ ଓ ଲୋକସେବା ଦିବସ ପାଳିତ

ଜଳେଶ୍ୱର, ୫/୩ (ନିପ୍ର) : ସାମ୍ପ୍ରତିକ ପ୍ରବାଦ ପୁରୁଷ, ଇନ୍ଦୋନେସିଆର ଭୂମିପୁତ୍ର, ସ୍ୱାଭିମାନୀ ତଥା ନିର୍ଭିକ ବିଜୁ ବାବୁଙ୍କର ଜନ୍ମ ଦିବସକୁ ଆମ ରାଜ୍ୟରେ ପଂଚାୟତରାଜ ଓ ଲୋକସେବା ଦିବସ ଭାବେ ପାଳନ କରାଯାଇ ଆସୁଛି । ୯୦ ଦଶକରେ ତ୍ରୀସ୍ତରୀୟ ପଂଚାୟତରାଜ ବ୍ୟବସ୍ଥା ଆରମ୍ଭ କରି ସେ ଇତିହାସ ସୃଷ୍ଟି କରିଛନ୍ତି । ଆଜି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ବିଡିଓ ଦିପ୍ତିରଂଜନ ସେଠୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଜଣେ ବିକାଶ ପୁରୁଷ ଓ ଓଡିଶାର ସ୍ୱାଭିମାନ ରକ୍ଷା ଲାଗି ତାଙ୍କ ପ୍ରଚେଷ୍ଟା ଅନସ୍ୱୀକାର୍ଯ୍ୟ । ଲୋକଙ୍କୁ କ୍ଷମତା ପ୍ରଦାନ, ପଂଚାୟରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ମହିଳାଙ୍କ ଲାଗି ସଂଗ୍ରକ୍ଷଣ ଓ ସରପଂଚ ହିଁ ଗାଁର ପ୍ରଧାନମନ୍ତ୍ରୀ ତଥା ଓଡିଶାର ବହୁବିଧ ବିକାଶ କରିବା ସହିତ ଜଣେ ଦକ୍ଷ ପାଇଲଟ ଭାବେ ଇନ୍ଦୋନେସିଆର ନେତା ସୁକର୍ଣ୍ଣଙ୍କୁ ଉଦ୍ଧାର, ଚୀନ ସୀମାରେ ଭାରତୀୟ ସୈନୀକଙ୍କୁ ଖାଦ୍ୟ ପ୍ରଦାନ ତାଙ୍କର ଯୁଗାନ୍ତକାରୀ ପଦକ୍ଷେପ ହେବାଲି କହିଥିଲେ। ତାଙ୍କୁ ପୁତ୍ର ତଥା ମୁଖ୍ୟମନ୍ତ୍ରୀ ଏବେ ବହୁବିଧ ବିକାଶ କାର୍ଯ୍ୟ କରିବା ସହିତ ସମ୍ବିଧାନରେ ଅହିଂସା ଶବ୍ଦର ପ୍ରୟୋଗ, ମହିଳାଙ୍କ ଲାଗି ୫୦ପ୍ରତିଶତ ସଂଗ୍ରକ୍ଷଣ ଓ ଓଡିଶାର ୫୧ହଜାର ଗାଁର ବିକାଶ ଲାଗି ତାଙ୍କର ପ୍ରଚେଷ୍ଟା ସଂପର୍କରେ କହିଥିଲେ । ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ତାଙ୍କୁ ଜଣେ ବିରଳ ନେତାଭାବେ ପ୍ରତିପାଦନ କରି ନିର୍ଭିତ ଓ ସ୍ୱାଭାମିନ ଜୀବନର ବ୍ରତ ବୋଲି କହିଥିଲେ ।

# ମିଟୁଆଣିରେ ଜଳ ପ୍ରକଳ୍ପ ଉଦ୍‌ଘାଟନ ଓ ରକ୍ତଦାନ ଶିବିର



ଖଇରା,୦୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିଟୁଆଣି ଓ ନୂଆଗାଁ ବଡ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା । ଖରାଦିନେ ନଳକୂପର ଜଳ ଗଭୀରକୁ ଚାଲି ଯାଉଥିବାରୁ ନଳକୂପରୁ ସହଜରେ ଜଳ ମିଳୁନଥିଲା । ୮ଶହରୁ ଉର୍ଦ୍ଧ ଗ୍ରାମବାସୀ ପାଣିର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବୀ କରି ଆସୁଥିଲେ । ଶେଷରେ ଶୁକ୍ରବାର ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ୨ଟି ଟାଙ୍କି ସହ ପ୍ରକଳ୍ପ ଉନ୍ମାନ ପରେ ଲୋକ ଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇଛି । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳ ଶୁକ୍ରବାର ଏହି ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲାର ବିଜେଡି ସଭାପତି ରବିନ୍ଦ୍ର କୁମାର ଜେନା,ମହିଳା ମଣ୍ଡଳ ସଭାପତି ରଶ୍ମିତା ମହାପାତ୍ର, ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ଦାସ, ସହକାରୀ ଯନ୍ତ୍ରୀ ସମୀର ଦେ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ମିଟୁଆଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡିଶା ମୋ ପରିବାର ପକ୍ଷରୁ ପ୍ରକଲ୍ଲାଦ ପତିଙ୍କ ସଂଯୋଜନାରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ମୋଟ ୧୪୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲା ଯୁବ ବିଜେଡି ଉପସଭାପତି ଗୌତମ ରାଉତ ଏଥିରେ ସହଯୋଗ କରିଥିଲେ । ଫଟୋ-ଖଇରା୧- ଅତିଥି ମାନଙ୍କ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

## ୮ରୁ ୧୩ ଯାଏଁ ପ୍ରଭାବିତ ହେବ ଗୋପାଳପୁର ବାଲିକୁଦା ଲେଭେଲ କ୍ରସିଂ ରୋଡ୍ ଟ୍ରାଫିକ୍

ଭୁବନେଶ୍ୱର,୦୫/୦୩ (ନି.ପ୍ର): ଆସନ୍ତା ୮ ରୁ ୧୩ ତାରିଖ ମଧରେ ରାତି ୧୦ ଟାଠାରୁ ଭୋର ୬ ଟା ମଧରେ କଟକ-ବାରଙ୍ଗ ରେଳ ସେକ୍ସନ ମଧ୍ୟସ୍ଥ ଗୋପାଳପୁର-ବାଲିକୁଦା ନିକଟସ୍ଥ ଲେଭଲ୍ କ୍ରସିଂ ଗେଟ୍ ମରାମତି କରାଯିବ। ଏହାକୁ ଦୃଷ୍ଟିରେ ରଖି ସଡକ ବ୍ୟବହାରକାରୀ ମାନେ ଲେବେଲ କ୍ରସିଂ ପରିବର୍ତେ ନିକଟସ୍ଥ ଉପାମାର୍ଗ ଦେଇ ଯାତାୟାତ କରିପାରିବେ। ଛୋଟ ଯାନ ସଡକ ବ୍ୟବହାରକାରୀ ମାନେ ନିକଟସ୍ଥ ଉପାମାର୍ଗ ଦେଇ ଏବଂ ବଡ ଯାନ ଗୁଡିକ ନିକଟସ୍ଥ ସୁବିଧା ଅନୁଯାୟୀ ପରିବର୍ତିତ ମାର୍ଗରେ ଯାତାୟାତ କରିବାକୁ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି।

# ବିଜୁ ଭବନରେ ୧୦୫ ତମ ବିଜୁ ଜୟନ୍ତୀ ପାଳିତ



ବାରିପଦା,୦୫/୦୩ (ନି.ପ୍ର): ରିଖ ସ୍ଥାନୀୟ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ୧୦୫ ତମ ବାରିପଦା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି ପ୍ରଥମେ ଦଳିୟ କର୍ମୀମାନେ ଦଳର ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସଭାଯାତ୍ରା ବାହାରି ବିଜୁପଟ୍ଟନାୟକ ଗୋଲେଇ ସ୍ଥିତ ବିଜୁ ବାବୁଙ୍କ ପ୍ରତି ମୂର୍ତୀ ରେ ମାଲ୍ୟାର୍ପଣ କରାଯାଇଥିଲା ତା ପରେ ବିଜୁ ଭବନରେ ଆୟଜିତ ସଭାରେ ମାନ୍ୟବର ମନ୍ତ୍ରୀ ତଥା ଦଳର ସଭାପତି ଶ୍ରୀଯୁକ୍ତ ମାରାଣ୍ଡିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଏହି ସଭାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡ ଦେବାଶିଷ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସୋରଜିନି ହେମ୍ବ୍ରମ୍, କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ଅଜେନ ମୁର୍ମୁ, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ଯୁବସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ପ୍ରଭାତ ନାୟକ ଓଡିଶା ଖୋଦିବର୍ଡ ସଦସ୍ୟ ସୋରଜ କୁମାର ବୋଷ, ଆଇନଜିବୀ ତଥା ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଦାସ, ସୁବ୍ରତ ଛାଟଇ, ନାରୀ ନେତ୍ରୀ କମଳା ତିରିଆ, ଛବି ମାହାଲି ପ୍ରମୁଖ ତାଙ୍କ ବକ୍ତବ୍ୟରେ ବିଜୁ ବାବୁ ଗାଁ କୁ କାମ ମାଁ କୁ ସମ୍ମାନ ଉକ୍ତିରେ ଓଡିଶାର ମାତ୍ରାଧିକ ମହିଳା ସମ୍ମାକୁ ଆସିଛନ୍ତି ।

# ୧୯୨ କୋଟି ଟଙ୍କାର ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର



ବାଲିଆପାଳ,୦୫/୦୩ (ନି.ପ୍ର): ବାଲିଆପାଳ ବ୍ଲକର କୁହ୍ଲାଚଡ ନିକଟରେ ପନ୍ତେଇ ଫେରି ଘାଟରେ ସୂବର୍ଣ୍ଣରେଖା ନଦୀ ଉପରେ ବହୁ ପ୍ରତକ୍ଷୀତ ପନ୍ତେଇ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ନିର୍ମାଣ ଦାୟିତ୍ୱ ହାତକୁ ନିଆଯାଇଥିବା ବେଳେ ବୃହତ ନିର୍ମାଣକାରୀ ସଂସ୍ଥା ଏଲ ଏଣ୍ଡ ଟି କମ୍ପାନି ପୋଲ କାର୍ଯ୍ୟର ଟେଣ୍ଡର ପାଇଛି । ଏହି ପୋଲ ହେଲେ ବାଲିଆପାଳ ବ୍ଲକ ସହିତ ଭୋଗରାଇ ବ୍ଲକର ସିଧା ସଳଖ ସଂଯୋଗ ସ୍ଥାପନ ହୋଇ ପାରିବ । ଏବେ ଏଲ ଏଣ୍ଡ ଟି ପକ୍ଷରୁ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟକୁ ଦେଖିଲେ ପୋଲର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୋଲ କାର୍ଯ୍ୟରେ ରାଜଘାଟ ବା ବୋଳଙ୍ଗ ବାଲିରେ ସମସ୍ତ କାର୍ଯ୍ୟ କରିବାକୁ କମ୍ପାନି ଚୁକ୍ତି କରିଛି । ଏବେ ପୋଲର ପାଇଲିଙ୍ଗ ବେସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏଥରେ ଯେଉଁ ଢଳେଇ ପଡୁଛି ସେଥିରେ ପାର୍ଶ୍ୱବର୍ତ୍ତୀ ଅଂଚଳରେ ମିଳୁଥିବା ଲୁଣା ବାଲି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ପନ୍ତେଇ ଫେରି ଘାଟ ନିକଟରେ ପ୍ରତିଦିନ ସ୍ଥାନୀୟ ଅଂଚଳର କିଛି ଲୋକ ନଦୀରୁ ବାଲି ଉଠାଇ ବିକ୍ରୀ କରନ୍ତି । ଏଠାରୁ ସମୁଦ୍ର ମାତ୍ର ୧ କିଲୋମିଟର ଥିବାରୁ ସମୁଦ୍ରର ଲୁଣା ଜୁଆର ଏହି ଅଂଚଳ ପର୍ଯ୍ୟନ୍ତ ପ୍ରତିଦିନ ମାଡି ଆସେ । ତେଣୁ ଏଠାରେ ମିଳୁଥିବା ବାଲିରେ ଲୁଣା ଅଂଶ ରହିଥାଏ । ଏହି ବାଲିରେ ସ୍ଥାନୀୟ ଅଂଚଳରେ ଖୁବ କମ ନିର୍ମାଣ କାର୍ଯ୍ୟ ହୋଇଥାଏ । ଏହାକୁ ସାଧାରଣତ ଫିଲିଙ୍ଗ ବାଲି ଭାବେ ବ୍ୟବହୃତ ହୋଇଥାଏ । ଏବେ ଏଲ ଏଣ୍ଡ ଟି କମ୍ପାନି ଏହି ବାଲିରେ ଢଳେଇ ପକାଉଥିବା ଦେଖିବାକୁ ମିଳୁଛି । ତେବେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ମନୋରଂଜନ ବେହେରାଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ କମ୍ପାନି ନିଜସ୍ୱ ଗୋଦାମ ଘର, ପେକିଙ୍ଗ ପ୍ଲାଂଟ, ସିମେଂଟ ୟାର୍ଡ, ଅଫିସ ଗୃହ, କର୍ମଚାରୀଙ୍କ ରହିବା ଗୃହ ପ୍ରଭୃତି ପାଇଁ ଏବେ ନିଜସ୍ୱ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ଏହା ସହିତ ବିଭାଗର କୌଣସି ସର୍ମ୍ପକ ନାହିଁ । ସୂଚନାଯୋଗ୍ୟ କମ୍ପାନି ୩ ବର୍ଷରେ ପୋଲର ନିର୍ମାଣ କାର୍ଯ୍ୟ ଶେର୍ଷ ର୍ମାଣ କଣ ପାଇଁ କରାଯାଉଛି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo